୬ ଏସିଆ କପ୍ ପାଇଁ ନିୟମ ବଦଳାଇଲା ବିସିସିଆଇ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୧୩ ● ୩୧ ଅଗଷ୍ଟ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-213 ● 31st August 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ସଂସଦୀୟ କମିଟି ଲୋକତନ୍ତ୍ରର ଅନ୍ୟତମ ସ୍ତମ୍ଭ
## ଭୁବନେଶ୍ୱରରୁ ଆରମ୍ଭ ହେବ ଏସ୍‌ସି-ଏସ୍‌ଟି ବିକାଶର ରୋଡ଼ମ୍ୟାପ

ଭୁବନେଶ୍ୱର, ୩୦।୮
ନ୍ୟୁଜ୍ ବ୍ୟୁରୋ



ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେବା ପାଇଁ ଆସିଥିବା ଲୋକସଭାର ବାଚସ୍ପତି ଓମ ବିର୍ଲା ଉଦ୍‌ଯାପନୀ ଉତ୍ସବ ଶେଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି କହିଲେ ଯେ ଭୁବନେଶ୍ୱରରୁ ଅନୁସୂଚିତ ଜାତି ଅନୁସୂଚିତ ଜନଜାତିଙ୍କ ବିକାଶର ରୋଡ଼ମ୍ୟାପ ଆରମ୍ଭ ହେବ ।

୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି । ଅନୁସୂଚିତ ଜାତି,ଅନୁସୂଚିତ ଜନଜାତିଙ୍କ ସକାଶେ ଅନେକ ଯୋଜନା କରାଯାଇଛି ଏବଂ ସେଗୁଡିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହୋଇପାରିବେ । ସଂସଦୀୟ କମିଟି ବଜେଟ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରୀ ବୋଲି ସେ କହିଥିଲେ । ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଏହି କର୍ମଶାଳାରେ ରାଜ୍ୟ ଏବଂ କେନ୍ଦ୍ରର କମିଟି ଗୁଡିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟା ର ସମାଧାନ ବାବଦରେ ଅଲୋଚନା ହୋଇଛି । ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ବିର୍ଲା କହିଥିଲେ । ଗଣମାଧ୍ୟମର ପ୍ରତିନିଧିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଲେ ଯେ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରା (ପୃଷ୍ଠା ୭ରେ)

## ଚୀନରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବ୍ୟ ସ୍ୱାଗତ

ତିଆଙ୍ଗଜିନ୍, ୩୦।୮




ଦୁଇ ଦିନିଆ ଜାପାନ ଗସ୍ତ ସାରି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନର ତିଆଙ୍ଗଜିନରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତିଆଙ୍ଗଜିନ୍‌ରେ ପହଞ୍ଚିବା ବେଳେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏକ ହୋଟେଲରେ ମୋଦୀଙ୍କୁ ସ୍ୱାଗତ କରାଯାଇଥିବା ବେଳେ ପ୍ରବାସୀ ଭାରତୀୟ ସମୁଦାୟଙ୍କ ଦ୍ୱାରା ଦିଆଯାଇଥିବା ମୋଦୀ... ମୋଦୀ ନାରାରେ କମ୍ପିଥିଲା ସମଗ୍ର ପରିବେଶ । ଆଉ ଠିକ୍ ଏତିକି ବେଳେ ମୋଦୀଙ୍କ ନଜରରେ ପଡିଥିଲା ଓଡିଶୀ ନୃତ୍ୟ । ଯାହାକୁ ମୋଦୀଙ୍କ ସ୍ୱାଗତ ପାଇଁ ପରିବେଷଣ କରୁଥିଲେ ଚୀନର କଳାକାର । ତେବେ ମୋଦୀ ସ୍ୱାଗତର ସେହି ମନ୍ତ୍ରମୁଗ୍ଧ ମୂର୍ଚ୍ଛନାମୟ ପରିବେଶକୁ ମନ ଭରି ଉପଭୋଗ କରିଥିବା ବେଳେ ଚାଇନା କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଭାରତୀୟ ଶାସ୍ତ୍ରୀୟ ସଂଗୀତ ଏବଂ ନୃତ୍ୟ ବେଶ୍ ଚମତ୍କାର ହୋଇଥିବାରୁ ମୋଦୀ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ଓଡିଶୀ ନୃତ୍ୟ କରିଥିବା ଜଣେ ଚୀନ କଳାକାରଙ୍କୁ କେଉଁଠୁ ଏ ନୃତ୍ୟ ଶିଖିଥିଲ ବୋଲି ପଚାରିଥିଲେ । ତେବେ ଉତ୍ତରରେ ନୃତ୍ୟଶିଳ୍ପୀ ଜଣଙ୍କ କହିଥିଲେ– ଏହା ମୁଁ କୋଲକାତାରୁ ଶିଖିଥିଲି । ଦୀର୍ଘ ୧୩ ବର୍ଷ ଧରି ଓଡିଶୀ ମୁଁ ଶିଖି ଆସୁଛି ଏବଂ ୨ ମାସ ଧରି ପ୍ରସ୍ତୁତି ପରେ ଆଜି ଆପଣଙ୍କ ସାମ୍ନାରେ ନୃତ୍ୟ କରିବାର ସୌଭାଗ୍ୟ ମିଳିଛି କହି ମୋଦୀଙ୍କ ପ୍ରତି ସମ୍ମାନ ଜଣାଇଥିଲେ କଳାକାର ।

ତେବେ କଥକ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା । ତା'ସହ (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- ସିକ୍କିମ ମୁଖ୍ୟମନ୍ତ୍ରୀ ପୁରୀ ଶ୍ରୀମନ୍ଦିର ଭିତରରୁ ଫଟୋ ସେୟାର କରିଲେ ।
- ଡିସେମ୍ବର ୨୦୨୪ ର ବିଲ୍ଡିଂ ନିୟମ ମାନିନଥିବାକୁ ନେଇ ଓଡିଶା ସରକାରକୁ ତୀବ୍ର ସମାଲୋଚନା କଲେ ସୁପ୍ରିମକୋର୍ଟ ।
- ଭାରତର ଅର୍ଥନୀତି ସଶକ୍ତ, ବିଶ୍ୱ ଅନିଶ୍ଚିତତା ଦେଶକୁ ପ୍ରଭାବିତ କରିବ ନାହିଁ: କେନ୍ଦ୍ରମନ୍ତ୍ରୀ ।
- ୨୦୨୫ର ବିଶ୍ୱର ସର୍ବାଧିକ କମାଇଥିବା ଚଳଚ୍ଚିତ୍ର, ଆମେରିକାରେ ସବୁଠୁ ବଡ଼ ବକ୍ସ ଅଫିସ୍ ଫ୍ଲପ୍ ।
- ଜାତୀୟ ପାରା ଆଥଲେଟିକ୍ସ ଚ୍ୟାମ୍ପିଅନସିପ୍ ୨୦୨୫: ପ୍ରତିଯୋଗିତାରେ ଓଡିଶାରୁ ୩୭ ପାରା ଖେଳାଳି ।
- ଓଡିଶାରୁ ଦିଲ୍ଲୀକୁ ନେଇଯାଉଥିବା ୧୦୦ କିଗ୍ରା ଗଞ୍ଜେଇ ଟ୍ରକ୍ ଜବତ : ୩ ଗିରଫ ।
- ଆସନ୍ତା ଅକ୍ଟୋବରରୁ ଓଡିଶାରେ Seaplanର ସେବା ଆରମ୍ଭ, ବିମାନ ପରିବହନରେ ବଡ଼ ବିସ୍ତାର ।
- କେନ୍ଦୁଝର ଜଳପ୍ରପାତରେ ରିଲ୍ସ କରୁଥିବାବେଳେ ଆଉ ଜଣେ ଯୁବକ ଭାସିଗଲେ ।
- ଆନ୍ଧ୍ରରେ ମାଲ୍‌ଗାଡ଼ି ଲାଇନଚ୍ୟୁତ, ଓଡିଶାରେ ଯାତ୍ରୀ ସେବା ପ୍ରଭାବିତ ।
- ଜିଏସ୍‌ଟି ସଂଶୋଧନରୁ ବ୍ୟବସାୟ କ୍ଷେତ୍ରରେ ବଡ଼ ପରିବର୍ତ୍ତନ: ଓଡିଶା ମୁଖ୍ୟମନ୍ତ୍ରୀ ।
- ବ୍ରହ୍ମପୁର ଗେଟ୍ ବଜାର ଅଞ୍ଚଳରେ ୧୩୦ କୋଟିର ବଡ଼ ଫ୍ଲାଏଓଭର ନିର୍ମାଣ କାମ ଆରମ୍ଭ ।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବଡ ବୈଠକ : ଯୋଗଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୮ : ନ୍ୟୁଜ୍ ବ୍ୟୁରୋ



ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । ଯାହାକୁ ନେଇ ରାଜନୈତିକ ମହଲରେ ଆଲୋଡନ ଖେଳିଯାଇଥିଲା । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଶ୍ରୀ ମାଝୀଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ ।

ଏହି ଅବସରରେ ଦେଶ ତଥା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା , ନୂତନ ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଦି ବିଭିନ୍ନ ବିଷୟ ସହ ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ଆଗାମୀ ପଦକ୍ଷେପଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହି ସୂଚନା ଦେଇଛନ୍ତି ।

ବିଶେଷକରି ବୈଠକରେ ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଏକ ରୋଡମ୍ୟାପ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆକସ୍ମିକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ (ପୃଷ୍ଠା ୭ରେ)

### ମହାନଦୀ ଜଳ ବିବାଦ ସମାଧାନ ପାଇଁ ଉଦ୍ୟମ
## ଡିସେମ୍ବରରେ ହୋଇପାରେ ମୋହନ -ବିଷ୍ଣୁଦେବ ଭେଟ

ଭୁବନେଶ୍ୱର, ୩୦।୮ : ନ୍ୟୁଜ୍ ବ୍ୟୁରୋ



ମହାନଦୀ ଜଳ ବିବାଦ ଦୂର ପାଇଁ ଆଗକୁ ବଢ଼ିଛନ୍ତି ଓଡ଼ିଶା ଓ ଛତିଶଗଡ଼ । ଆସନ୍ତା ଡିସେମ୍ବରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବଙ୍କ ମଧ୍ୟରେ ବୈଠକ ହୋଇପାରେ । ବୈଠକରେ ସୌହାର୍ଦ୍ଦ୍ୟପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଅନୁସନ୍ଧାନ କରିବା ପାଇଁ ଉଦ୍ୟମ ହେବ ବୋଲି ମୁଖ୍ୟମନ୍ତ୍ରୀ ଶନିବାର ଏକ୍ସରେ ଲେଖିଛନ୍ତି ।

ମୁଖ୍ୟମନ୍ତ୍ରୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି ମହାନଦୀ ସମସ୍ୟାର ସମାଧାନ ଦିଗରେ ଆମେ ଆଉ ଏକ ପାଦ ଆଗକୁ ବଢ଼ିଛୁ । ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ଦୀର୍ଘ ଦିନର ବିବାଦର ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

ଶନିବାର ଅନୁଷ୍ଠିତ ଏକ ଫଳପ୍ରଦ ବୈଠକରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳ ସମ୍ପଦ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ ସହଯୋଗୀ ସମାଧାନ ପାଇଁ ଆଲୋଚନା କରିଛନ୍ତି । ଉଭୟ ରାଜ୍ୟ ଆପୋଷ ବୁଝାମଣାରେ ଲୋକମାନଙ୍କ ହିତରେ ଉଚିତ ସମାଧାନ ଖୋଜିବାକୁ ସହମତ ହୋଇଛନ୍ତି ।

ଏଥିପାଇଁ ସେପ୍ଟେମ୍ବର ମାସରେ ପ୍ରତ୍ୟେକ ରାଜ୍ୟର (ପୃଷ୍ଠା ୭ରେ)

## ରିୟାସୀର ମାହୋରରେ ଭୁସ୍ଖଳନ : ୭ ମୃତ

ରିୟାସୀ, ୩୦।୮



ଜମ୍ମୁ-କଶ୍ମୀରର ରିୟାସୀ ଜିଲ୍ଲାର ମାହୋର ତହସିଲର ଭଦର ଗ୍ରାମରେ ବାଦଲଫଟା ବର୍ଷା ଯୋଗୁଁ ହୋଇଥିବା ଭୁସ୍ଖଳନରେ ଗୋଟିଏ ଘର ଭୁଶୁଡି ପଡିବା ଫଳରେ ଗୋଟିଏ ପରିବାରର ୭ଜଣଙ୍କ ମୃତ୍ୟୁ ହୋଇଛି ।ଅଧିକାରୀଙ୍କ କହିବାନୁସାରେ ଏହି ଘଟଣା ଶନିବାର ସକାଳେ ହୋଇଥିଲା । ଭୁସ୍ଖଳନ ଗୋଟିଏ ଉଚ୍ଚ ଢାଲ ଉପରେ ଥିବା ଏକ ଘର ଉପରେ ଭୁସ୍ଖଳନ ଘଟିଥିଲା ।ଏହି କାରଣରୁ ଘରଟି ମାଟିତଳେ ଦବିଯାଇଥିଲା ।ଘଟଣା ସମୟରେ ଘରେ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।ଅଧିକାରୀ କହିଛନ୍ତି ଯେ ୭ଜଣ ମାଟିତଳେ ଦବି ଯାଇଥିଲେ ।ପୋଲିସ ଏସଡିଏ ଏବଂ ସ୍ଥାନୀୟ ପ୍ରଶାସନିକ କର୍ମୀମାନଙ୍କୁ ତୁରନ୍ତ ଘଟଣାସ୍ଥଳ ପଠାଯାଇଥିଲା ।ମାଟିତଳେ ଦବି ଥିବା ୭ଜଣ ଲୋକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ପରିଚୟ ଘରର ମାଲିକ ନଜିର ଅହମ୍ମଦ ପୁଅ ବହାର ଦୀନ ବାସିନ୍ଦାବଦ୍ଦର , ତାଙ୍କ ପତ୍ନୀ ବଜୀରା ବେଗମ, ପୁଅ ବିଲାଲ ଅହମ୍ମଦ ମୁସ୍ତଫା, ମହମ୍ମଦ ଆଦିଲ, ମହମ୍ମଦ ମୁବାରକ ଏବଂ ମହମ୍ମଦ ବସୀମ ବୋଲି ଜଣାପଡିଛି ।ନଜୀର ଅହମ୍ମଦଙ୍କ ସମସ୍ତ ୫ ପୁଅ ନାବାଳିକ ଥିଲେ ।

## ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର, ୩୦।୮
ନ୍ୟୁଜ୍ ବ୍ୟୁରୋ



ଆସନ୍ତା ନଭେମ୍ବର କିମ୍ବା ଡିସେମ୍ବର ମାସରେ ଓଡ଼ିଶା ଗସ୍ତରେ ଆସିବେ ରାହୁଲ ଗାନ୍ଧୀ । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ରାହୁଲ ଗାନ୍ଧୀ ନଭେମ୍ବର କିମ୍ବା ଡିସେମ୍ବର ମାସରେ ଓଡ଼ିଶା ଗସ୍ତରେ ଆସିଲେ ରାଜ୍ୟରେ ବଡ଼ କାର୍ଯ୍ୟକ୍ରମ ହେବ । ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ଆଦି ପ୍ରସଙ୍ଗକୁ ନେଇ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ରାହୁଲ ଗାନ୍ଧୀ ରୋଡ଼ ସୋ କରିବେ ଓ ସଭାରେ ଯୋଗ ଦେବେ । ବିଭିନ୍ନ ଜିଲ୍ଲାରେ ମଧ କାର୍ଯ୍ୟକ୍ରମ ହେବ, ସେଠାରେ କାର୍ଯ୍ୟକ୍ରମରେ ମଧ ରାହୁଲ ଗାନ୍ଧୀ ଗସ୍ତ କରିବେ । ରାହୁଲ ଗାନ୍ଧୀ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି ।

## ଅକ୍ଟୋବର ୪ ଓ ୫ରେ ପୋଲିସ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର, ୩୦।୮ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଅକ୍ଟୋବର ୪ ଓ ୫ ତାରିଖରେ ପୋଲିସ ଏସଆଇ ପରୀକ୍ଷା ହେବ । ଶନିବାର ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏସଆଇ ପଦବୀ ପାଇଁ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି ।ବିଜ୍ଞପ୍ତି ଅନୁଯାୟୀ ଏସ୍‌ଆଇ ପଦବୀ ପାଇଁ ଓଏମ୍‌ଆର୍ ଆଧାରିତ ନିଯୁକ୍ତି ପରୀକ୍ଷା ଚଳିତ ବର୍ଷ ଅକ୍ଟୋବର ୪ ଏବଂ ୫ ତାରିଖରେ ଅନୁଷ୍ଠିତ ହେବ । ପୂର୍ବରୁ ଏହି ପରୀକ୍ଷା ଦୁଇଥର ଘୁଞ୍ଚିଥିଲା ।ଓଡ଼ିଶା ପୁଲିସ ୱେବସାଇଟ୍ ରୁ ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ସୂଚୀ ବିଷୟରେ ସବିଶେଷ ଜାଣିବା ପାଇଁ ସେପ୍ଟେମ୍ବର ୨୦ ପରେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବାକୁ ପରାମର୍ଶ ଦିଆଯାଇଛି ।

## ଦୁର୍ଘଟଣାରେ ୨ ମୃତ

ବାରିପଦା, ୩୦।୮ : ନ୍ୟୁଜ୍ ବ୍ୟୁରୋ

ଅଜଣା ଗାଡି ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ଦ୍ୱୟ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ବେଳଗଡ଼ିଆ, ୱାର୍ଡ ନମ୍ବର ୧ ଅଞ୍ଚଳର ଦିବ୍ୟ ପ୍ରସାଦ ସିଂ (୨୩) ଓ ଝାରପୋଖରିଆ ଥାନା ଅନ୍ତର୍ଗତ ରସାଳବଣି ଗ୍ରାମର ମୃତ୍ୟୁଞ୍ଜୟ ମହାନ୍ତ (୩୨) । ଶୁକ୍ରବାର ବିଳମ୍ବିତ ରାତିରେ ଦିବ୍ୟ ପ୍ରସାଦ ସିଂ ବାଇକ ଯୋଗେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ମୁର୍ଗାବାଡ଼ି ନିକଟସ୍ଥ କୁଷ୍ଠାଶ୍ରମ ଛକରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ସେ ଭାରସାମ୍ୟ ହରାଇ ରାସ୍ତାରେ ପଡି ଯାଇଥିଲେ । ଯାହା ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକମାନେ ଶନିବାର ଭୋରୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇଛି ।

### ଏକାଳ ପଖାଳ



ଚାଷୀ ହନ୍ତସନ୍ତ ରାଇଜଗୋଟାରେ
ମିଳୁନି ଟିକିଏ ସାର
ଏଇ କଥା ନେଇ ସବୁ ଦଳିଆଙ୍କ
ରାଜନୀତି ଚାଲେ ଯୋର
ତାଙ୍କ ମୁଣ୍ଡେ ସଇତାନ ଘର
ଚାଷୀ ଦୁଃଖ ପଛେ ପାହାଡ ହେଉ
ଯାଙ୍କୁ ଗାଦି ଦରକାର ।

## ଚାଷୀଙ୍କ ସାର ସମସ୍ୟା ନେଇ କେନ୍ଦ୍ରକୁ ଚିଠି ଲେଖିଲେ ନବୀନ



ଭୁବନେଶ୍ୱର, ୩୦।୮ : ନ୍ୟୁଜ୍ ବ୍ୟୁରୋ

ସାରା ରାଜ୍ୟରେ ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର, ଅପମିଶ୍ରଣ ଏବଂ ବଜାରରେ ୟୁରିଆ ମିଳୁ ନ ଥିବାରୁ ଚାଷୀ କୂଳ ହନ୍ତସନ୍ତ ହେଉଛନ୍ତି । ବିଭିନ୍ନ ସ୍ଥାନରେ ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାରେ ସାର ସମସ୍ୟା ଉତ୍କଟ ହୋଇଛି । ଚାଷୀ କୂଳର ଏ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟନାୟକ । କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ସାର ଯୋଗାଣରେ ଅବ୍ୟବସ୍ଥା ସମ୍ପର୍କରେ ଚିଠି ଲେଖିଛନ୍ତି । ଓଡ଼ିଶା ଚାଷୀ କୂଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଦାବି କରିଛନ୍ତି । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଲେଖିଛନ୍ତି କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର ଓ ଆମର ୭୦ ଭାଗରୁ ଅଧିକ ଲୋକଙ୍କୁ କୃଷି ହିଁ ଜୀବିକା ଯୋଗାଇଥାଏ । ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ୨୦୦୦ରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣରେ ଏକ ପ୍ରମୁଖ ରାଜ୍ୟ ହୋଇ ପାରିଛି । କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ (ପୃଷ୍ଠା ୭ରେ)

## ଆସୁଛି ପୁଣି ଲଘୁଚାପ: ଆଜିଠୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୩୦।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି । ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ଏବଂ ଆଉ କିଛି ସ୍ଥାନରେ ଖରା ଓ ଗୁଳୁଗୁଳି ସହ ହାଲୁକା ବର୍ଷା ହୋଇଛି । ଆଗକୁ ବଙ୍ଗୋପସାଗରରେ ଆଉ ୨ଟି ଲଘୁଚାପ ସୃଷ୍ଟିହେବାର ସମ୍ଭାବନା ଥିବାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟିହେବ । ଏହାର ପ୍ରଭାବରେ ରବିବାରଠାରୁ ରାଜ୍ୟରେ ପୁଣି ବର୍ଷା ବଢ଼ିବ । ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ରହିଛି । ଏହାର ପରବର୍ତ୍ତୀ ସ୍ଥିତି ନେଇ ସୂଚନା ଦିଆଯାଇ ନ ଥିଲେ ମଧ ପ୍ରବଳ ବର୍ଷା ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟିହେବା ସମ୍ଭାବନା ରହିଛି । ଫଳରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଅଗଷ୍ଟ ୨୦୨୫ ରବିବାର





# ପୌର ପରିଷଦ କାର୍ଯ୍ୟାଳୟ, ରାୟଗଡ

## ପ୍ରେସ୍ ବିଜ୍ଞପ୍ତି

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ସଙ୍ଗେ ସଙ୍ଗେ ନିଜର ଘର ଚାରିପଟ ସଫା ରଖନ୍ତୁ।
- ସହରର ଅଭ୍ୟନ୍ତରସ୍ଥ ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁ ଗୁଡ଼ିକୁ ଅନାଧିକାର ରୂପେ ଛାଡନ୍ତୁ ନାହିଁ।
- ରାସ୍ତା କଡ଼ ଜମି ତଥା ସରକାରୀ ଜମି ଜବର ଦଖଲରୁ ନିବୃତ୍ତ ରୁହନ୍ତୁ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ କରି ଅଳିଆ ଗାଡ଼ିରେ ଦିଅନ୍ତୁ ।
- ନାଳ ଉପରକୁ ଅତିକ୍ରମଣ କରନ୍ତୁ ନାହିଁ ଏବଂ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ।
- ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ।
- ପୌର ସଂସ୍ଥା ଦ୍ୱାରା ଲେ-ଆଉଟ୍ ନକ୍ସା ଅନୁମୋଦନ ହୋଇନଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ। ଗୃହ ନିର୍ମାଣ ପୂର୍ବରୁ ଗୃହ ପ୍ଲାନ୍ ଅନୁମୋଦନ କରାଇ ନିଅନ୍ତୁ।
- ବିନା ବ୍ୟବସାୟ ପରିଚୟ ପତ୍ରରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ।

| ଶ୍ରୀ କୁଳଦୀପ କୁମାର | ଶ୍ରୀମତୀ ଶୁଭ୍ରା ପଣ୍ଡା | ଶ୍ରୀ ପି. ମେହେର ପଟ୍ଟନାୟକ |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧକ୍ଷା | ଅଧକ୍ଷ |
| ପୌରପରିଷଦ ରାୟଗଡ | ପୌରପରିଷଦ ରାୟଗଡ | ପୌରପରିଷଦ ରାୟଗଡ |

# ପୌରପରିଷଦ ପାରଳାଖେମୁଣ୍ଡି
## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୫

**ଆମର ନିବେଦନ:**

୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନସ୍ ଫି ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ୍ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।



ଶ୍ରୀମତୀ ନିର୍ମଳା ସେଠୀ
ପୌରାଧକ୍ଷ୍ୟା
ପାରଳାଖେମୁଣ୍ଡି ପୌରପରିଷଦ



ଶ୍ରୀ ଲେଙ୍କା ମଧୁ
ଉପାଧକ୍ଷ୍ୟ
ପାରଳାଖେମୁଣ୍ଡି ପୌରପରିଷଦ

# ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ବର୍ଷ ପାଳନ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା
## ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି (ଗଞ୍ଜାମ)

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ।
୨. ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ। ଗୃହ ନକ୍ସା (Building Plan) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ। ଗୃହ ନକ୍ସା (Building Plan), ସମ୍ପତି ଟିକସ (Property Tax), ବାଣିଜ୍ୟ ଲାଇସେନ୍ସ (TradeLicence), ବିବାହ ପଞ୍ଜିକରଣ (Marraiage Registration) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ www.sujog.odisha.gov.in ମାଧ୍ୟମରେ ଆବେଦନ କରନ୍ତୁ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ଼ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସ୍ୱଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ। ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥି ଭଉଣୀ ମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ।
୬. ନିଜ ଗୃହ ପାଇଖାନାର ମଳ Drain କୁ ଛାଡ଼ନ୍ତୁ ନାହିଁ।
୭. ଗାଈ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
୯. ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଥିବା ସମସ୍ତ ବ୍ୟବସାୟୀ ଖାଦ୍ୟ ଲାଇସେନ୍ସ (Food Licence) ନିଶ୍ଚିନ୍ତ କରନ୍ତୁ। ଏଥିସହ ଜନସାଧାରଣଙ୍କ ନିମନ୍ତେ ଜଳଶୋଧନ ଯନ୍ତ୍ର (Water Purifier) ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ। ପ୍ରସ୍ତୁତ ଖାଦ୍ୟରେ କୌଣସି ପ୍ରକାର ରଙ୍ଗ ବ୍ୟବହାର କରନ୍ତୁ ନାହିଁ।
୧୦. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ୍ ଭାବେ ଯତ୍ନ ନିଅନ୍ତୁ। ସ୍ୱଚ୍ଛ, ସବୁଜ ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ।
'ଆମ ସ୍ୱାଭିମାନ' – ଆମ ସ୍ୱଚ୍ଛ ସବୁଜ ଏବଂ ସୁନ୍ଦର ସହର 'ଦିଗପହଣ୍ଡି'

| ସ୍ୱାକ୍ଷର | ସ୍ୱାକ୍ଷର |
|---|---|
| ଶ୍ରୀଯୁକ୍ତ ଅବିନାଶ ମିଶ୍ର (ଓ.ଆର.ଏସ) | ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା (ଅଧକ୍ଷ) |
| କାର୍ଯ୍ୟନିର୍ବାହୀ ଅଧିକାରୀ | ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି | |

# ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର
## ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ

- ➢ ପାଇଖାନା ଟାଙ୍କା ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ୍ ଫି ନଂ ୧୪୪୨୦ରେ ଯୋଗାଯୋଗକରି ଏହି ସେବାର ସଠିକ୍ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ।
- ➢ ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ।
- ➢ ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନ୍‌କୁ ବେଆଇନ ଭାବେ ଅବରୋଧ କରନ୍ତୁ ନାହିଁ
- ➢ ଅଳିଆ ଆବର୍ଜନାକୁ ଏଣେ ତେଣେ ନ ପକାଇ ପୌର ପରିଷଦର ବେଟ୍ରି ଚାଳିତ ଗାଡ଼ିରେ ଦୈନନ୍ଦିନ ଦିଅନ୍ତୁ।
- ➢ କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ।
- ➢ ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ।
- ➢ ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
- ➢ ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେ ତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡ଼ିରେ ଦିଅନ୍ତୁ।
- ➢ ଛୋଟ/ବଡ଼ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ www.sujog.odisha.gov.in portalରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
- ➢ ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

| ଶ୍ରୀମତୀ ସୀମା ଜେନା | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ, | ଶ୍ରୀମତୀ ଅର୍ଚ୍ଚନା ସଂହ |
|---|---|---|
| (ଓ.ଆର.ଏସ) | ଉପାଧକ୍ଷ | ଅଧକ୍ଷା |
| ନିର୍ବାହୀ ଅଧିକାରୀ | ଏବଂ ସମସ୍ତ ପାରିଷଦ ବୃନ୍ଦ | ପୌରପରିଷଦ, ଜଗତସିଂହପୁର |
| ପୌରପରିଷଦ, ଜଗତସିଂହପୁର | ପୌରପରିଷଦ, ଜଗତସିଂହପୁର | |

# ପୌର ପରିଷଦ, କୋରାପୁଟ
## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

*ସ୍ୱଚ୍ଛ କୋରାପୁଟ ସୁନ୍ଦର କୋରାପୁଟ*

| | |
|---|---|
| ✲ | ନିଜ ଦୋକାନ/ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକରେ ଓଡିଆ ଭାଷା ଲିପି ବ୍ୟବହାର କରନ୍ତୁ । |
| ✲ | ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦ ଠାରୁ ଅନୁମୋଦନ କରାଇ ନିଅନ୍ତୁ । |
| ✲ | ପରିଷଦର ଗୃହ ଟିକସ, ଦୋକାନ ଭଡା, ବ୍ୟବସାୟୀକ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ । |
| ✲ | ନିଜ ନିଜ ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ । |
| ✲ | ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡରେ ପକାନ୍ତୁ ନାହିଁ । ସେଗୁଡିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ । |
| ✲ | ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ । |
| ✲ | ରାସ୍ତା କଡରେ ଗୃହ ନିର୍ମାଣ ସାମଗ୍ରୀ ଯଥା- ବାଲି, ଇଟା, ପଥର, ଗୋଟି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷ ଗୁଡିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ । |
| ✲ | ପଲିଥିନ ବ୍ୟବହାରକୁ ସମ୍ପୂର୍ଣ ବନ୍ଦ କରନ୍ତୁ । |
| ✲ | ଯଥା ସମୟରେ ବିବାହ ପଞ୍ଜୀକରଣ କରନ୍ତୁ । |
| ✲ | ନିଜନିଜ ଘର ବାଡିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର ଗଢିତୋଳନ୍ତୁ । |
| ✲ | ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର । |

*ଆସନ୍ତୁ ଆମେ ସମସ୍ତେ ଏକତ୍ର ହୋଇ କୋରାପୁଟ ସହରକୁ ପ୍ରଗତି ପଥେ ଆଗେଇ ନେବା*

| ଶ୍ରୀ ଜ୍ଞାନଜିତ୍ ତ୍ରିପାଠୀ, | ଶ୍ରୀମତୀ ସବିତା ପଣ୍ଡା, | ଶ୍ରୀ ଲଲାଟ ରଞ୍ଜନ ସେଠୀ, |
|---|---|---|
| ନୀର୍ବାହୀ ଅଧିକାରୀ, | ଉପାଧକ୍ଷା, | ଅଧକ୍ଷ, |
| ପୌର ପରିଷଦ, କୋରାପୁଟ | ପୌର ପରିଷଦ, କୋରାପୁଟ | ପୌର ପରିଷଦ, କୋରାପୁଟ |

# ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର, ଜିଲ୍ଲା-ଗଜପତି

ପବିତ୍ର ସ୍ୱାୟତ୍ତ ଶାସନ ଦିବସ୨୦୨୫(ସ୍ୱର୍ଣ୍ଣ ଜୟନ୍ତୀ)ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ । ସହରର ସମସ୍ତ ସୁଖ ସମୃଦ୍ଧି କାମନା କରୁଅଛୁ। ସହରର ସମସ୍ତ ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇ ଦେବା ସହ ସହରକୁ ନିର୍ମଳ,ସବୁଜ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ଏବଂ ଜନସାଧାରଣ ନିଜର ଘର ଟିକସ, ଦୋକାନ ଓ ବ୍ୟବସାୟ ଲାଇସେନ୍ସ ଫି,ବିବାହ ପଞ୍ଜିକରଣ ପତ୍ର ଏବଂ ଘର ନକ୍ସାର ଅନୁମୋଦନ ଇତ୍ୟାଦି ନିମନ୍ତେ ଅନଲାଇନ ସେବାଗୁଡିକର ସୁବିଧା ନିଅନ୍ତୁ (www.sujog.odisha.gov.in) । ଜନସାଧାରଣ ନିଜର ଅଭିଯୋଗ ଓ ମତାମତ ସଠିକ୍ ଠିକଣା ସହ ଆମକୁ ମୋବାଇଲ ନଂ୮୮୯୫୯୫୮୧୩୩ ମାଧ୍ୟମରେ ଜଣାଇବା ପାଇଁ ଅନୁରୋଧ ।

| ସ୍ୱା/- | ଆପଣଙ୍କ ଶୁଭକାଂକ୍ଷୀ | ସ୍ୱା/- |
|---|---|---|
| ଡ. ଭାଗବତ ସାହୁ, ଓ.ପ୍ର.ସେ | | ଶ୍ରୀମତୀ ଏମ୍. ସୁଧାରାଣୀ |
| କାର୍ଯ୍ୟନିର୍ବାହୀ ଅଧିକାରୀ | | ଅଧକ୍ଷା |
| ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର | | ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର |

# ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି। ଏଣୁ ଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ଼ କିମ୍ବା ୱାର୍ଡ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୬. ପଲିଥିନ୍ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ। ପଲିଥିନ୍ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ।
୮. ଗାଈଗୋରୁ ମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ୍ୱ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡ଼ି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ। ଆପଣଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

| ବଳୟ ଦେହୁରୀ | ବି. ଶୁଭ୍ରଶଙ୍କର ଜ୍ୟୋତି, | ସସ୍ମିତା ରାଉତ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧକ୍ଷ ଏବଂ | ଅଧକ୍ଷା |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ | ସମସ୍ତ କାଉନ୍‌ସିଲର ବୃନ୍ଦ | ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ |
| | ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ | |



# ୧୫୦ ଗ୍ରାମ୍ ସୁନା ଅଳଙ୍କାର ଜବତ:୫ କୁଖ୍ୟାତ ଡକାୟତ ଗିରଫ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ଥାନା ଅଞ୍ଚଳରେ ପୃଥକ ପୃଥକ ଦୁଇଟି ଚୋରି ଘଟଣାରେ ସମ୍ପୃକ୍ତ ଥିବା ୫ ଜଣ କୁଖ୍ୟାତ ଚୋରକୁ କୋରେଇ ପୋଲିସ ଗିରଫ କରି ୧୫ଗ୍ରାମର ସୁନା ଗହଣା ଜବଦ କରିଛି । ଚୋର ମାନଙ୍କୁ ଯାଜପୁର ରୋଡ କୋର୍ଟକୁ ଚାଲାଣ କରିଛି। ଏ ସମ୍ପର୍କରେ ଯାଜପୁର ରୋଡ ଏସଡିପିଓ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଚାରି ଜଣ ସହ ଜଣେ ମହିଳା ଚୋରକୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଛି । ଯାଜପୁର ରୋଡ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ଅଷ୍ଟନାମୀ ଆପଟମେଣ୍ଟ ରହୁଥିବା ନିର୍ମଳ କୁମାର ପଣ୍ଡା ଘରେ ନଥିବା ସୁଯୋଗ ଦେଖି ଏହି ଚୋରମାନେ ଘରର ଚାବି ଭାଙ୍ଗି ଘରେ ପଶି ଆଲମିରାରୁ ସୁନା ଗହଣା ଲୁଟି ନେଇଥିଲେ। ଏ ସମ୍ପର୍କ କୋରେଇ ଥାନାରେ ଅଭିଯୋଗ ହୋଇଥିଲେ । କୋରାଇ ପୋଲିସ ଏ କେଶ ରୁଜୁ କରି ତଦନ୍ତ ଜାରିରଖିଥିଲେ । ସେହିପରି କନ୍ଦ୍ରେଇପୁର ଅଞ୍ଚଳରେ ରହୁ ଥିବା କାର୍ତ୍ତିକ ଚନ୍ଦ୍ର ବେହେରା ଘରେ ନଥିବାର ସୁଯୋଗ ନେଇ ଗ୍ରିଲ କବାଟ ଭାଙ୍ଗି ଚୋରମାନେ ସୁନା ଗହଣା ଲୁଟି ନେଇଥିଲେ । ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଏକ କେଶ ମଧ୍ୟ ରୁଜୁ ହୋଇଥିଲା । ଥାନା ଅଧିକାରି ଶ୍ରୀ ତ୍ରିପାଠୀ ୩ଟି ଟିମ୍ ଗଠନ କରି ତଦନ୍ତକୁ ଅଧିକ ଗତିଶିଳ କରି ବିଭିନ୍ନ ଶୋର୍ସ ଆଧାରରେ ଚୋରମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଚୋରଙ୍କ ମାଷ୍ଟର ମାଇଣ୍ଡି ସେକ୍ ସରିଫ ଫେରାର ହୋଇ ଯାଇଛି। ଆସାମୀମାନେ ହେଲେ ଯାଜପୁର ରୋଡ ଥାନା ହୁଡ଼ି ସାହିର ରବୀନ୍ଦ୍ର ପାତ୍ର, କ୍ରିଷ୍ଣା ଦାସ, ମଣ୍ଟୁ ମୁଣ୍ଡା, ଶୁଭମ ଓଝା, ମହରମ ସାହିର ଅଜମିରା ବିବି ବୋଲି ଜଣାପଡିଛି । ଏହି ଆସାମୀ ମାନଙ୍କ ନାମରେ ବିଭିନ୍ନ ଥାନାରେ ଚୋରି କେଶ ରହିଛି । ବିଭିନ୍ନ ଅଞ୍ଚଳ ବୁଲି ଘରେ ନଥିବାର ଲକ୍ଷ କରି ଚୋରି କରିଥାନ୍ତି ବୋଲି ଏସଡିପି ଓ ଓ ଥାନା ଅଧିକାରୀ ସୂଚନା ଦେଇଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ଭୁବନେଶ୍ୱରରେ ୧୧ତମ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ଉଦଘାଟନୀ ବୈଠକ ଆୟୋଜନ କରିଥିଲା, ଯେଉଁଥିରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ମୁଖ୍ୟମାନେ ଉପସ୍ଥିତ ଥିଲେ। ସାଂସଦ ଅପରାଜିତା ଷଡ଼ଙ୍ଗୀ (ଭୁବନେଶ୍ୱର), ସୁଜିତ କୁମାର (ଓଡିଶା), ମହେଶ କଶ୍ୟପ (ବସ୍ତର), ଆପଲାନାଇଡୁ କାଲିସେଟ୍ଟି (ବିଜିଆନଗରମ), ଏବଂ ବୋନେଲା ବିଜୟ ଚନ୍ଦ୍ର, ବିଧାୟକ (ପାର୍ବତୀପୁରମ)ଙ୍କ ସମେତ ୨୩ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ବାଣିଜ୍ୟ ଚାମ୍ବର, ବାଣିଜ୍ୟ ଏବଂ ଶିଳ୍ପ ସଂଘ, ଗ୍ରାହକ ସୁରକ୍ଷା ସଂଗଠନ, ଭିନ୍ନକ୍ଷମ ସଂଘ, ସ୍ୱୀକୃତିପ୍ରାପ୍ତ ଯାତ୍ରୀ ସଂଘ, ସ୍ୱତନ୍ତ୍ର ସ୍ୱାର୍ଥ ଗୋଷ୍ଠୀ, କେନ୍ଦ୍ର ମନ୍ତ୍ରୀଙ୍କ ମନୋନୀତ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ। ସଦସ୍ୟମାନେ ସକ୍ରିୟ ଭାବରେ ମୂଲ୍ୟବାନ ମତାମତ ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଯାତ୍ରୀଙ୍କ ସୁବିଧା ଏବଂ ସେବା, ନୂତନ ଟ୍ରେନ୍ (ସ୍ୱତନ୍ତ୍ର ଏବଂ ନିୟମିତ) ପ୍ରଚଳନ, ଟ୍ରେନ ଫ୍ରିକ୍ୱେନ୍ସି ବୃଦ୍ଧି, ଜନସାଧାରଣଙ୍କ ଦାବି ପୂରଣ ଏବଂ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ଉପରେ କେନ୍ଦ୍ରିତ ପ୍ରମୁଖ ଆଲୋଚନା ବିଷୟଗୁଡ଼ିକ। ମହାପ୍ରବନ୍ଧକ ପ୍ରାପ୍ତ ପରାମର୍ଶଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଏବଂ ହାଇଲାଇଟ୍ ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉପଲବ୍ଧ ବ୍ୟବସ୍ଥା ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ। ସେ ସଦସ୍ୟମାନଙ୍କର ସକ୍ରିୟ ଏବଂ ଗଠନମୂଳକ ସମ୍ପୃକ୍ତିକୁ ପ୍ରଶଂସା କରିଥିଲେ, ଯଥାସମ୍ଭବ ଚିନ୍ତାଧାରାକୁ ସମାଧାନ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲେ। ସଚିବ ଏବଂ ଉପମହାପ୍ରବନ୍ଧକ ଶ୍ରୀ କେ.କେ. ଖାଡଙ୍ଗା ବୈଠକକୁ ସଂଯୋଜନ କରିଥିଲେ। ପୂର୍ବତଟ ରେଳପଥ ଭୁବନେଶ୍ୱରରେ ୧୧ତମ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ଉଦଘାଟନୀ ବୈଠକ ଆୟୋଜନ କରିଥିଲା, ଯେଉଁଥିରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ମୁଖ୍ୟମାନେ ଉପସ୍ଥିତ ଥିଲେ। ସାଂସଦ ଅପରାଜିତା ଷଡ଼ଙ୍ଗୀ (ଭୁବନେଶ୍ୱର), ସୁଜିତ କୁମାର (ଓଡିଶା),ମହେଶ କଶ୍ୟପ (ବସ୍ତର), ଆପଲାନାଇଡୁ କାଲିସେଟ୍ଟି (ବିଜିଆନଗରମ), ଏବଂ ବୋନେଲା ବିଜୟ ଚନ୍ଦ୍ର, ବିଧାୟକ (ପାର୍ବତୀପୁରମ)ଙ୍କ ସମେତ ୨୩ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ବାଣିଜ୍ୟ ଚାମ୍ବର, ବାଣିଜ୍ୟ ଏବଂ ଶିଳ୍ପ ସଂଘ, ଗ୍ରାହକ ସୁରକ୍ଷା ସଂଗଠନ, ଭିନ୍ନକ୍ଷମ ସଂଘ, ସ୍ୱୀକୃତିପ୍ରାପ୍ତ ଯାତ୍ରୀ ସଂଘ, ସ୍ୱତନ୍ତ୍ର ସ୍ୱାର୍ଥ ଗୋଷ୍ଠୀ, କେନ୍ଦ୍ର ମନ୍ତ୍ରୀଙ୍କ ମନୋନୀତ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ। ସଦସ୍ୟମାନେ ସକ୍ରିୟ ଭାବରେ ମୂଲ୍ୟବାନ ମତାମତ ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଯାତ୍ରୀଙ୍କ ସୁବିଧା ଏବଂ ସେବା, ନୂତନ ଟ୍ରେନ (ସ୍ୱତନ୍ତ୍ର ଏବଂ ନିୟମିତ) ପ୍ରଚଳନ, ଟ୍ରେନ ଫ୍ରିକ୍ୱେନ୍ସି ବୃଦ୍ଧି, ଜନସାଧାରଣଙ୍କ ଦାବି ପୂରଣ ଏବଂ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ଉପରେ କେନ୍ଦ୍ରିତ ପ୍ରମୁଖ ଆଲୋଚନା ବିଷୟଗୁଡ଼ିକ। ମହାପ୍ରବନ୍ଧକ ପ୍ରାପ୍ତ ପରାମର୍ଶଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଏବଂ ହାଇଲାଇଟ୍ ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉପଲବ୍ଧ ବ୍ୟବସ୍ଥା ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ। ସେ ସଦସ୍ୟମାନଙ୍କର ସକ୍ରିୟ ଏବଂ ଗଠନମୂଳକ ସମ୍ପୃକ୍ତିକୁ ପ୍ରଶଂସା କରିଥିଲେ, ଯଥାସମ୍ଭବ ଚିନ୍ତାଧାରାକୁ ସମାଧାନ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲେ। ସଚିବ ଏବଂ ଉପମହାପ୍ରବନ୍ଧକ ଶ୍ରୀ କେ.କେ. ଖାଡଙ୍ଗା ବୈଠକକୁ ସଂଯୋଜନ କରିଥିଲେ।

# ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ପାଳନ କରାଯିବା ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ପରିଷଦର ସମସ୍ତ ସଭ୍ୟ/ସଭ୍ୟା ଏବଂ କର୍ମଚାରୀ ବୃନ୍ଦଙ୍କ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛୁ.



ନଗରପାଳ
ଶ୍ରୀ ପ୍ରଦ୍ୟୁତ କୁମାର ମହାନ୍ତି,
ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା



ଉପ- ନଗରପାଳ
ଶ୍ରୀମତୀ ଦେବଜାନୀ କାଲୋ,
ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା



ନିର୍ବାହୀ ଅଧିକାରୀ
ଶ୍ରୀ ମନରଞ୍ଜନ ସୁନା,(ଓ.ରା.ସେ)
ବିଜ୍ଞାପିତ ଅଞ୍ଚଳ ପରିଷଦ,କୁଚିଣ୍ଡା

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୩୧।୮।୨୦୨୫, ଭାଦ୍ରବ ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୦।୫୯ ଚନ୍ଦ୍ରୋଦୟ- ଦିଘ ୧୨।୧୨।୦୬**

**ଅଷ୍ଟମୀ-** ରାଘ ୧୨।୫୮ ପର୍ଯ୍ୟନ୍ତ। **ଅନୁରାଧା ନକ୍ଷତ୍ର-** ସଂଘ ୫।୨୭ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୧୨।୫୮ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୯।୪୨ ମଧ୍ୟେ । ଦିଘ ୧।୨୦ ଗତେ ଘ ୧।୫୧ ମଧ୍ୟେ । **ପର୍ବୋତ୍ସବ-** ରାଧାଷ୍ଟମୀ, ଦୁର୍ବାଷ୍ଟମୀ, ଦୁର୍ଗାଶୟନ, ସ୍ୱାୟତ ଶାସନ ଦିବସ।



**ମେଷ:** ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମହିଳାମାନେ ଅସ୍ଥିର ରହିବେ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ନୂତନ ବନ୍ଧୁଙ୍କ ସହ ଭେଟ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବାର ସୂଚନା। ଦେହ ଓ ମନ ଭଲ ରହିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ। ପରୋପକାର କରି ଆନନ୍ଦିତ ହେବାର ସୂଚନା ।



**ମିଥୁନ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେଜାଗାର ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ଲାଭ ।



**ସିଂହ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଏଣୁ ମାନସିକ ଦୁଶ୍ଚିନ୍ତା ଦେଖାଦେବ। ମନ ବିଚଳିତ ରହିବ। ପାରିବାରିକ କଳହ ଦେଖାଦେଇପାରେ। ସତ କଥା କହି ନିଜ ଲୋକଙ୍କ ପାଖେ ଖରାପ ହେବେ ।



**କନ୍ୟା:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ। ରୋଜଗାର ସ୍ଥିର ରହିବ। ଘରେ ସୁଖ ଶାନ୍ତି ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବାର ସୂଚନା।



**ତୁଳା:** ପୁରାତନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଣୁ ମନ ପ୍ରଫୁଲ୍ଲ ରହିବ। ମହିଳାମାନେ ସୁଖୀ ହେବେ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମନକୁ ଦୁଶ୍ଚିନ୍ତା ଆଣିବ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ରୋଜଗାର ଭଲ ହେବ। ଘରେ ଶାନ୍ତିର ବାତାବରଣ ରହିବାର ସୂଚନା । ଶରୀର ସୁସ୍ଥ ରହିବ ।



**ମକର:** କାର୍ଯ୍ୟକ୍ଷେତ୍ରରେ ମାନ ସମ୍ମାନ ବଢ଼ିପାରେ। ଶତ୍ରୁ ନାଶ ହେବେ। ସାଧନାରେ ସିଦ୍ଧି ଲାଭ କରିବେ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ ହେବ। ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** କଠିନ ପରିଶ୍ରମ ହେତୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ରୋଜଗାର ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମୀନ:** କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ। ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦେହ ଓ ମନ ଭଲ ରହିବ ।

# ଗଣେଶ ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଜଣେ ଛାତ୍ର ମୃତ, ୭ ଉଦ୍ଧାର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ସ୍କୁଲର ଗଣେଶ ଭଷାଣି ବେଳେ ଘଟିଲା ବଡ଼ ଅଘଟଣ, ବୁଡିଗଲେ ୮ ଛାତ୍ର ଓ ଜଣେ ସ୍କୁଲ ପିଅନ, ୭ ଜଣ ଉଦ୍ଧାର ହେଲେ। ମାତ୍ର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ପୋଖରୀରେ ବୁଡି ମୃତ୍ୟୁବରଣ କଲେ। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାଳୟରେ ଘଟିଛି ଏଭଳି ଏକ ବଡ଼ ଅଘଟଣ। ସୂଚନା ଅନୁଯାଇ ରଙ୍ଗରଙ୍ଗା ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାଳୟରେ ଗଣେଶ ଭାଷାଣି କରିସାରିବା ପରେ ୮ଜଣ ଛାତ୍ର ପୋଖରୀକୁ ଡେଇଁ ବୁଡି ଯାଇଥିଲେ। ସ୍କୁଲର ପିଅନ ସ୍ଥାନୀୟ ଲୋକଙ୍କ ସହଯୋଗରେ ୭ ଜଣ ଛାତ୍ରଙ୍କୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ ଛାତ୍ରଙ୍କୁ ଉଦ୍ଧାର କରାଯାଇ ପାରିନଥିଲା। ଫଳରେ ଜଣେ ୮ମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା। ମୃତ ଛାତ୍ର ଜଣକ ହେଲେ



କୋରେଇ ବ୍ଲକ ରଙ୍ଗରଙ୍ଗା ଗାଁର ବସନ୍ତ ସାହୁଙ୍କ ପୁଅ ସତ୍ୟପ୍ରକାଶ। ସ୍କୁଲର ଗଣେଶ ଭସାଣ ବେଳେ ଏହି ଅଘଟଣ ଘଟିଥିବା ଜଣାପଡିଛି। ତେବେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ଅଘଟଣ ଘଟି ଜଣେ ଛାତ୍ରଙ୍କ ଜୀବନ ଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅନ୍ୟପଟେ ଗାଁ ସ୍କୁଲର ଗଣେଶ ଭଷାଣ ବେଳେ ଏଭଳି ଏକ ଦୁଃଖଦ ଘଟଣା ଘଟିଥିବା ବେଳେ ପରିବାରର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରମୁଖ ଖାଦ୍ୟ ପଦାର୍ଥର କୃତ୍ରିମ ଅଭାବ

ଉତ୍ସବ ଋତୁ ପାଖେଇ ଆସୁଥିବା ବେଳେ ଦରଦାମ ସ୍ଥିତି ଉପରେ ନିୟନ୍ତ୍ରଣ ରଖିବା ଲାଗି କେନ୍ଦ୍ର ସରକାର କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶେଷ କରି ଗହମ ଓ ଚାଉଳ ଦାମ ଉପରେ ନଜର ରଖାଯାଇଛି । ବ୍ୟବସାୟୀମାନେ ନିଜ ପାଖରେ କେତେ ଗହମ ରଖିପାରିବେ ତାହାର ସୀମା ନିର୍ଦ୍ଧାରଣ କରାଯାଇଥିବା ବେଳେ ମହଜୁଦ ଥିବା ଚାଉଳ ଉପରେ ମଧ୍ୟ ନଜର ରଖାଯାଇଛି । ଏ ସମ୍ପର୍କରେ କେନ୍ଦ୍ର ଖାଦ୍ୟ ସଚିବ କହିଛନ୍ତି ଯେ ଚାଉଳ, ଗହମ ଓ ଚିନି ଭଳି ପ୍ରମୁଖ ଖାଦ୍ୟ ପଦାର୍ଥ ଯଥେଷ୍ଟ ପରିମାଣରେ ମହଜୁଦ ରହିଛି । କିନ୍ତୁ ଦୁର୍ବଳ ମୌସୁମୀ ବାହାନା କରି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଥିବା ସରକାର ଜାଣିପାରିଛନ୍ତି । ଅଧିକ ଜମିରେ ଧାନ ଚାଷ ହୋଇଥିବାରୁ ଅସ୍ୱାଭାବିକ ବର୍ଷା ସତ୍ତ୍ୱେ ଚାଉଳ ଉତ୍ପାଦନରେ ରେକର୍ଡ ହେବ ବୋଲି ସେ କହିଛନ୍ତି । ଖାଦ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ସର୍ବନିମ୍ନ ୨୦.୨ ନିୟୁତ ଟନ୍ ଗହମ ମହଜୁଦ ରଖିବାର ନିୟମ ରହିଥିବା ବେଳେ ଗୋଦାମରେ ତା'ଠାରୁ ଅଧିକ ଅର୍ଥାତ ୨୫.୫ ନିୟୁତ ଟନ୍ ଗହମ ରହିଛି । ଆବଶ୍ୟକତାଠାରୁ ୮.୭ ନିୟୁତ ଟନ୍ ଅଧିକ ଗହମ ରହିଛି । ବଜାରରେ ମଧ୍ୟ ୫.୭ ନିୟୁତ ଟନ୍ ଗହମ ଉପଲବ୍ଧ କରାଯାଇଛି । ଦେଶରେ ଏବେ ୮.୫ ନିୟୁତ ଟନ୍ ଚିନି ରହିଛି । ଯାହା ଆଗାମୀ ସାଢ଼େ ତିନି ମାସର ଆବଶ୍ୟକତା ପୂରଣ କରିପାରିବ । ଗ୍ରୀଷ୍ମ ଋତୁରେ ଅମଳ କରାଯାଇଥିବା ଆଖୁରୁ ଆସନ୍ତା ମାସରୁ ରସ ବାହାର କରିବା ପ୍ରକ୍ରିୟା ଆରମ୍ଭ ହେବ । ଚିନି ସମ୍ପର୍କରେ ସଚିବ କହିଛନ୍ତି ଯେ, ନିଅଣ୍ଟିଆ ବର୍ଷା ହେବାରୁ ଆଖୁ ଉତ୍ପାଦନ କମିବ ବୋଲି ଅଗଷ୍ଟରେ ଆଶଙ୍କା କରାଯାଉଥିଲା । ମାତ୍ର ଆଖୁ ଚାଷ ହେଉଥିବା ରାଜ୍ୟ ଯଥା କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ସେପ୍ଟେମ୍ବରରେ ଭଲ ବର୍ଷା ହୋଇଥିବାରୁ ଆଖୁ ଫସଲ ଚାଷରେ ସୁଧାର ଘଟିଛି । ତେଣୁ ଚିନି ଉତ୍ପାଦନ କମିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାହା ଅମୂଳକ । କେନ୍ଦ୍ର ସରକାର ବ୍ୟବସାୟୀ, ପାଇକାରୀ ବିକ୍ରେତା ଓ ସୁପରମାର୍କେଟ୍ ପାଇଁ ଗହମର ଷ୍ଟକ ସୀମା ନିର୍ଦ୍ଧାରଣ କରିଛନ୍ତି । ସେମାନେ ନିଜ ପାଖରେ ୨୦୦୦ ଟନ ଗହମ ରଖିପାରିବେ । ମିଲ୍ ପାଖରେ ସେମାନଙ୍କ ସ୍ଥାପିତ କ୍ଷମତାର ୭୫% ଗହମ ରଖିହିପାରିବ । ବ୍ୟବସାୟୀ ଓ ମିଲ୍‌ଗୁଡ଼ିକ ନିଜ ପାଖରେ ଅଧିକ ଗହମ ରଖିବା ଦ୍ୱାରା ବଜାରରେ ଏକ କୃତ୍ରିମ ଅଭାବ ସୃଷ୍ଟି ହେଉ ବୋଲି ଆମେ ଚାହୁନାହୁଁ ବୋଲି କହିଛନ୍ତି ଖାଦ୍ୟ ସଚିବ । ଚାଉଳରେ ମୁଦ୍ରାସ୍ଫୀତି ୧୦% ରହିବା ଚିନ୍ତାର ବିଷୟ । ରାଜ୍ୟଗୁଡ଼ିକ ସହଯୋଗରେ ଚାଉଳ ଷ୍ଟକ ଉପରେ ଆମେ ନଜର ରଖିଛୁ । ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମସ୍ତୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ଥ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ମାନବଜାତି ପାଇଁ ପରମାଣୁ ଶକ୍ତିର ଆବଶ୍ୟକତା ଅଛି କି ?



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ବିଶ୍ୱର କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁଠାରେ ନିହିତ ଥିବା ଶକ୍ତି କଥା ଆଧୁନିକ ଅଣୁ ବୈଜ୍ଞାନିକମାନେ ପ୍ରମାଣ କରିପାରିଛନ୍ତି । ଏହିଶକ୍ତି ପ୍ରାଣୀଜଗତର ଶକ୍ତିଠାରୁ ଅଧିକ କ୍ଷମତାଶାଳୀ । ବସ୍ତୁ ମଧ୍ୟରେ ଲୁକ୍‌କାୟିତ ଶକ୍ତି କଳନା କରିସାରିବା ପରେ ଆଧୁନିକ ମଣିଷ ଏହାକୁ ଦୈନନ୍ଦିନ କାର୍ଯ୍ୟକ୍ରମରେ ଅଙ୍ଗୀଭୂତ କରିବାପାଇଁ ଉଦ୍ୟମ କରିଆସିଛି । 'ପରମାଣୁ'ନାମରେ ଚିହ୍ନିତ ଏହି ଶକ୍ତି ଆମପାଇଁ ଆଶୀର୍ବାଦ ସହିତ ଭସ୍ମାସୁର ରୂପ ନେଇ ଆମ ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ । ଶକ୍ତି ଭାବରେ ଏହା ଯେପରି ଆଧୁନିକ ବିଦ୍ୟୁତ ସମସ୍ୟାର ସମାଧାନ କରିପାରିଛି, ସେହିପରି ବୋମାରୂପରେ ନିମିଷକ ମଧ୍ୟରେ ସବୁଜ ଶ୍ୟାମଳ ଧରଣୀପୃଷ୍ଠରୁ ଜୀବଜଗତ ଲୋପକରି ବରଫ ଯୁଗକୁ ଫେରାଇ ନେବାର କ୍ଷମତା ସମ୍ପୂର୍ଣ୍ଣ ରୂପେ ସାଇତି ରଖିଛି ବୋଲି କୁହାଯାଇପାରେ ।

ପ୍ରତ୍ୟେକ ବସ୍ତୁ ଭାଙ୍ଗି ଭାଙ୍ଗି ଗଲେ ତାହା ପରମାଣୁଠାରେ ପହଞ୍ଚେ । ଏହି ପରମାଣୁ ଅତ୍ୟନ୍ତ ଶକ୍ତିଶାଳୀ । ଏହାକୁ ପୁନଶ୍ଚ ଭାଙ୍ଗିଲେ ବିସ୍ଫୋରଣ ଘଟେ । ଏହି ମୌଳିକ ତଥ୍ୟ ଉପରେ ପରମାଣୁ ବୋମା ଗଠନ କୌଶଳ ନିର୍ଭର କରିଥାଏ । ଅଣୁ ଭିତରେ ଅଛି ପରମାଣୁ କେନ୍ଦ୍ର, ଯାହାକୁ ଇଂରାଜୀରେ 'ନିୟୁକ୍ଲିୟସ' କୁହାଯାଏ । ଏହି 'ନିୟୁକ୍ଲିୟସ' ଭିତରେ ଅଛି 'ପ୍ରୋଟନ ଓ ନ୍ୟୁଟ୍ରନ' । ଏ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ଘଟିଲେ ଭୟଙ୍କର ବିସ୍ଫୋରଣ ସୃଷ୍ଟିହୁଏ । ସର୍ବାଧିକ ପାରମାଣବିକ ସଂଖ୍ୟାଥିବା ମୌଳିକ ପଦାର୍ଥ ୟୁରାନିୟମର ଆବିଷ୍କାର ଓ ଏହାକୁ ଭାଙ୍ଗିବା ପଦ୍ଧତି ୧୯୩୯ ମସିହାରେ ଜର୍ମାନୀରେ ଆବିଷ୍କୃତ ହେବାପରେ ଏହାକୁ ବ୍ୟବହାର କରି ଏକ ଶକ୍ତିଶାଳୀ ବୋମା ନିର୍ମାଣ କରିବା ଉଦ୍ୟମ ଆରମ୍ଭ ହେଲା । ଏହାର ପ୍ରୟୋଗ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶତ୍ରୁରାଷ୍ଟ୍ର ଉପରେ ହୋଇଥାନ୍ତା କିନ୍ତୁ ଜର୍ମାନୀର ତତ୍କାଳୀନ ନାଜି ସରକାର ହିଟଲର ପରମାଣୁ ବୋମା ଭଳି ଅନିଶ୍ଚିତ ଅସ୍ତ୍ର ଅପେକ୍ଷା କ୍ଷେପଣାସ୍ତ୍ର ଉପରେ ବେଶି ଭରସା କରୁଥିଲେ । ଏଥିସହିତ ସେ ଇହୁଦୀମାନଙ୍କୁ ଘୃଣା କରୁଥିବାରୁ ପରମାଣୁ ଗବେଷଣା କରୁଥିବା ଅଧିକାଂଶ ପ୍ରଖ୍ୟାତ ବୈଜ୍ଞାନିକ 'ଆଇନଷ୍ଟାଇନ, ନିଲସ୍‌ବୋହମ,ଏନରି କୋଫେରିମ୍ ଇତ୍ୟାଦି ଇହୁଦୀ ଥିବାରୁ ଏମାନଙ୍କୁ ଅବହେଳା କରୁଥିଲେ । ତେଣୁ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ବୈଜ୍ଞାନିକ ଗଣ ଆମେରିକାର ଆର୍ଥିକ ସହଯୋଗକୁ ସ୍ୱୀକାର କରିଥିଲେ । ଫଳରେ ସେମାନଙ୍କ ଉଦ୍ୟମ ଓ ଅଟୋହନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ବୋମା ପ୍ରଥମେ ପରୀକ୍ଷାମୂଳକ ଭାବରେ ମେକ୍‌ସିକୋ ମରୁଭୂମିର ସୂକ୍ଷ୍ମ ବାଲୁକା ପ୍ରାନ୍ତରରେ ୧୯୫୪ମସିହା ଜୁଲାଇ ୧୬ ତାରିଖ ସକାଳେ ଗଭୀର ଭାବେ ପୋତାଯାଇଥିବା ଏକ ବିଶାଳ ଲୌହସ୍ତମ୍ଭ ଉପରକୁ ନିକ୍ଷେପ କରାଯାଇଥିଲା । କ୍ଷଣକ ମଧ୍ୟରେ ଉକ୍ତ ଲୌହସ୍ତମ୍ଭଟି ଧୂଆଁ ହୋଇ ପବନରେ ମିଳାଇ ଯାଇଥିଲା । ତତ୍ପରେ ଆରମ୍ଭ ହୋଇଯାଇଥିଲା ଝଡବତାସ । ମରୁଭୂମିର ଉତ୍ତପ୍ତ ଧୂଳିବାଲି ପୃଥିବୀପୃଷ୍ଠର ୪ ହଜାର ଫୁଟ ଉପରକୁ ଉଠିବାସହ ଲେଲିହାନ ଅଗ୍ନିମୟ ବାଦଲ ଆକାଶରେ ଦେଖାଗଲା । ପ୍ରଚଣ୍ଡ ଶବ୍ଦରେ ଥରିଉଠିଲା ନିର୍ଜୀବ ବାଲୁକା ପ୍ରାନ୍ତର । ବୈଜ୍ଞାନିକମାନେ ଆନନ୍ଦରେ ବିଭୋର ହେବା ସହ ତାଙ୍କ ଉଦ୍ୟମ ସଫଳ ହୋଇଛି ବୋଲି ସଗର୍ବେ ଘୋଷଣା କରାହେଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ଜର୍ମାନୀର ପତନ ତଥା ଜାପାନ ଆତ୍ମ ସମର୍ପଣ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସେହି ସମୟରେ ଅନ୍ୟ ଏକ ଶକ୍ତି ଭାବରେ ବିଶ୍ୱବକ୍ଷରେ ଉଭା ହୋଇଥିବା କମ୍ୟୁନିଷ୍ଟ ରାଷ୍ଟ୍ର ରୁଷିଆକୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଜାପାନର ସାମରିକ ଘାଟୀ ଥିବା ହିରୋସୀମା ସହର ଉପରେ ଅଗଷ୍ଟ ୬ ତାରିଖ ସକାଳ ୮ଟା ୧୫ ମିନିଟ୍ ରେ 'ଲିଟିଲବୟ' ନାମକ ପରମାଣୁ ବୋମା ପ୍ରଥମ ଥରପାଇଁ ମଣିଷ ସମାଜ ଉପରେ ଆମେରିକା ନିକ୍ଷେପ କରିଥିଲା । ଏହି ବୋମା ଭୂପୃଷ୍ଠକୁ ନଛୁଇଁ ୨୦୦ ଫୁଟ ଉପରେ ଫାଟିବା ମାତ୍ରେ ଆରମ୍ଭ କରିଦେଇଥିଲା ଧ୍ୱଂସର ତାଣ୍ଡବଲୀଳା । ସହରରେ ମୋଟ ଜନସଂଖ୍ୟାର ୬୦ ଭାଗ ତତ୍‌କ୍ଷଣାତ ମୃତ୍ୟୁଲାଭ କଲେ । ୭୫ ହଜାର ଘର ମଧ୍ୟରୁ ୬୨ ହଜାର ଘର ଧୂଳିରେ ମିଶିଯାଇଥିଲା । ଭୂପୃଷ୍ଠକୁ ସ୍ପର୍ଶ କରିବା ମାତ୍ରେ ବିଶାଳକାୟ ଜ୍ୱଳନ୍ତ ପିଣ୍ଡ ସ୍ତମ୍ଭ ଆକାରରେ ଉପରକୁ ଉଠି ଚତୁର୍ଦ୍ଦିଗକୁ ଆଲୋକିତ କରି ପକାଇଥିଲା । ଜଳଭାଗ ଶୁଷ୍କ ହେବା ସହ ବାୟୁମଣ୍ଡଳ ଏଭଳି ଉତ୍ତପ୍ତ ହୋଇଗଲା ଯେ ଜୀବଜନ୍ତୁ, ମଣିଷ ଏବଂ ଗଛଲତା ସମେତ ଲୁହା ମଧ୍ୟ ତରଳିଗଲା । ଏହାର ତିନିଦିନ ପରେ ଅର୍ଥାତ ୧୯୪୫ ମସିହା ଅଗଷ୍ଟ ୯ ତାରିଖ ଦିନ ଜାପାନର ଅନ୍ୟଏକ ବ୍ୟସ୍ତବହୁଳ ନାଗାସାକି ସହର ଉପରେ 'ଫ୍ୟାଟମ୍ୟାନ' ନାମକ ପରମାଣୁ ବୋମା ପ୍ରଭାବରେ ଏକ ବର୍ଗ କିଲୋମିଟର ଆୟତନର ବିରାଟ ଗହ୍ୱର ହେବା ସହ ମାନବ ସଭ୍ୟତାର ନାରକୀୟ ଲୀଳା ଆରମ୍ଭ କରି ଆତଙ୍କ ସୃଷ୍ଟି କରିଦେଇଥିଲା । ଏପରିକି ଏହାର ପ୍ରଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ମଣିଷ, ପଶୁ ଆଦି ବିକଳାଙ୍ଗ ଶିଶୁ ଜନ୍ମଲାଭ କରୁଛନ୍ତି । ଏଭଳି କ୍ଷୟକ୍ଷତି ଦେଖିବା ପରେ ମଧ୍ୟ ୧୯୪୯ ମସିହାରେ ରୁଷ, ୧୯୫୨ ମସିହାରେ ଇଂଲଣ୍ଡ, ୧୯୬୦ ମସିହାରେ ଫ୍ରାନ୍‌ସ, ୧୯୬୪ ମସିହାରେ ଚୀନ, ୧୯୭୪ ମସିହାରେ ଭାରତ, ୧୯୯୮ ମସିହାରେ ପାକିସ୍ତାନ ଆଦି ରାଷ୍ଟ୍ରମାନେ ପରମାଣୁ ବୋମା ପରୀକ୍ଷଣ କରି ସଫଳତା ହାସଲ କରିଛନ୍ତି । ରୁଷ, ଆମେରିକା, ଭାରତ ଏହାଠାରୁ ଅଧିକ ଶକ୍ତିଶାଳୀ ଉଦ୍‌ଜାନ ଓ ନିୟନ ବୋମା ପ୍ରସ୍ତୁତ କରି ମାନବ ସଭ୍ୟତାକୁ ଧ୍ୱଂସ ଆଡକୁ ନେବାପାଇଁ ଉଦ୍ୟତ । ଯଦିଓ ବିଶ୍ୱଯୁଦ୍ଧ ପରେ ଏହି ଭୟଙ୍କର ବୋମା ବ୍ୟବହୃତ ହୋଇନାହିଁ ତଥାପି ଏଗୁଡିକ ପରୀକ୍ଷଣ ଦ୍ୱାରା ପରବେଷ ତଥା ବାୟୁମଣ୍ଡଳ ପ୍ରଭାବିତ ହେବାରେ ଲାଗିଛି । ୧୯୯୮ ମସିହାରେ ପୋଖରାନ୍‌ଠାରେ ଭାରତ ଯେଉଁ ପରମାଣୁ ବୋମା ପରୀକ୍ଷଣ କରିଥିଲା ତାହାର ତୀବ୍ରତା ଥିଲା ୫୩,୦୦୦ T.N.T । ଏପରିକି ଗୋଟିଏ ମୁହୂର୍ତ୍ତରେ ସେହି ସ୍ଥାନର ତାପମାତ୍ରା ସାଢେ ଦଶକୋଟି ସେଣ୍ଟିଗ୍ରେଡରେ ପହଞ୍ଚିଥିଲା, ଯାହା ସୂର୍ଯ୍ୟଙ୍କ ଆଭ୍ୟନ୍ତରୀଣ ତାପମାତ୍ରାର ୭ ଗୁଣରୁ ବେଶୀ । ସେଥିପାଇଁ ସେହି ବର୍ଷ ସମଗ୍ର ଭାରତ ବର୍ଷରେ ପ୍ରଚଣ୍ଡ ଉଷ୍ମତା ଅନୁଭୂତ ହୋଇ ପ୍ରାୟ ୫୦୦୦ରୁ ଅଧିକ ବ୍ୟକ୍ତି ମୃତ୍ୟୁମୁଖରେ ପଡିଥିଲେ । ଏପରିକି ଆମ ଓଡିଶା ଭଳି ମଧ୍ୟମ ଜଳବାୟୁସଂପନ୍ନ ରାଜ୍ୟରେ ପ୍ରଖର ଗ୍ରୀଷ୍ମତାପ ବା ଅଂଶୁଘାତ ଦ୍ୱାରା ପ୍ରାୟ ୨୫୦୦ ଲୋକ ମୃତ୍ୟୁବରଣ କରିଥିଲେ । ଅନେକ ବୈଜ୍ଞାନିକଙ୍କ ମତରେ ରୁଷ ଓ ଆମେରିକା ସମୁଦ୍ର ତଳେ ଯେତିକି ପରମାଣୁ ବୋମା ଲୁଚାଇ ରଖିଛନ୍ତି ଯଦି ସେତକ ବିସ୍ଫୋରଣ ହେଲେ ପୃଥିବୀରେ ବରଫଯୁଗ ଆସିଯିବ ।

ତେବେ ମାନବଜାତିର ହିତସାଧନପାଇଁ ବୈଜ୍ଞାନିକମାନେ ପରମାଣୁ ବୋମା ପ୍ରସ୍ତୁତ କରି ଏହାର ଦୁରୁପଯୋଗ କରିବାକୁ ଟିକେ ହେଲେ ଭ୍ରୁକ୍ଷେପ କରୁନାହାଁନ୍ତି ଯାହା କେତେଦୁର ମାନବ ସମାଜ ପାଇଁ କଲ୍ୟାଣକାରୀ ତାହା ପାଠକେ ବିଚାର କରିବେ । ଆଜିର ଏ ବିଜ୍ଞାନ ଯୁଗରେ ପରମାଣୁ ଶକ୍ତିକୁ ବିଶ୍ୱ ହିତ ଉଦ୍ଦେଶ୍ୟରେ ବିନିଯୋଗ କରିବା ବାଞ୍ଛନୀୟ । ନଚେତ ଅଣାୟତ୍ତ ବିଜ୍ଞାନ ତା'ର ପ୍ରକୃତ କାର୍ଯ୍ୟ ଦକ୍ଷତା ମୂଲ୍ୟାୟନରୁ ବଞ୍ଚିତ ହେବା ସହିତ ଦୁର୍ଲଭ ମାନବ ସଭ୍ୟତା ସହିତ ଜୀବଜଗତ ଅଚିରେ ଧ୍ୱଂସ ପ୍ରାପ୍ତ ହେବ ।

# "ମୋନାଲିସା" ପେଣ୍ଟିଂ ବିଶ୍ୱରେ କାହିଁକି ସ୍ୱତନ୍ତ୍ର ?



ଅସିତ ମହାନ୍ତି
ଆବାହକ, ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

୨୧ ଅଗଷ୍ଟ ୧୯୧୧, ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ସୋମବାର ସକାଳ । ଲୋକମାନେ ନିଜ କାର୍ଯ୍ୟାଳୟରେ କାମ କରିବାକୁ ଯାଉଥିଲେ । ଯେତେବେଳେ ହଠାତ୍ ତିନି ଜଣ ଲୋକ ଲୁଭ୍ରେ ସଂଗ୍ରହାଳୟରୁ ବାହାରି ଆସିଲେ । ଏହି ତିନିଜଣ ପୂର୍ବ ରାତିରେ ସଂଗ୍ରହାଳୟରେ ବିତାଇଥିଲେ । ଏବଂ ବର୍ତ୍ତମାନ, ସେମାନେ ଲୁଭ୍ରେ ସଂଗ୍ରହାଳୟର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ବହନ କରୁଥିଲେ । ସେମାନେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ଏହା ଏକ କମ୍ବଳରେ ଲୁଚି ରହିଥିଲା । ସେମାନେ ନିକଟସ୍ଥ ରେଳ ଷ୍ଟେସନକୁ ଯାଇ ସକାଳ ୮.୪୫ ରେ ଟ୍ରେନକୁ ଧରି ନିଖୋଜ ହୋଇଯାଇଥିଲେ । ସମଗ୍ର ବିଶ୍ୱ ଏହା ଜାଣି ନଥିଲା ଯେ ସେମାନେ ଗୋଟିଏ ପେଣ୍ଟିଙ୍ଗ ଚୋରି କରି ନେଇଯାଇଥିଲେ ।ଏବଂ ଏହା ଏକ ଅମୂଲ୍ୟ ଚିତ୍ର ନଥିଲା । ଏହା ବାସ୍ତବରେ ଦୁନିଆର ସବୁଠାରୁ ପ୍ରସିଦ୍ଧ ଚିତ୍ର 'ମୋନାଲିସା' ଥିଲା । ଆଜି ଏହି ପେଣ୍ଟିଂର ମୂଲ୍ୟ ପାଖାପାଖି ୧ ବିଲିୟନ ଡଲାର (୭୫୦୦ କୋଟି) । ଏହା ଦୁନିଆର ପ୍ରସିଦ୍ଧ ଚିତ୍ର କାହିଁକି ? ବାସ୍ତବରେ ମୋନାଲିସା ୧୫୦୩ ରେ ଜଣେ ଇଟାଲୀ କଳାକାର ଲିଓନାର୍ଡୋ ଡା ଭିନ୍ସି ଙ୍କ ଦ୍ୱାରା ଚିତ୍ର କରାଯାଇଥିଲା । ଏହି ବ୍ୟକ୍ତି ବାସ୍ତବରେ ଏତେ ଆଶ୍ଚର୍ଯ୍ୟଜନକ ଥିଲେ ଯେ କେହି କଳ୍ପନା କରିପାରିବେ ନାହିଁ । ଏହି ମହାନ ବ୍ୟକ୍ତି କେବଳ ଚିତ୍ରକାର ନୁହଁନ୍ତି, ଜଣେ ଇଞ୍ଜିନିୟର, ବୈଜ୍ଞାନିକ, ଶିଳ୍ପୀ, ସ୍ଥପତି ଏବଂ ତତ୍ତ୍ୱଜ୍ଞ ମଧ୍ୟ ଥିଲେ .. ତାଙ୍କର ଅନେକ ବିଷୟ ବିଷୟରେ ଜ୍ଞାନ ଥିଲା, ଚିତ୍ର ହେଉ, ଜ୍ୟୋତିର୍ବିଜ୍ଞାନ, ଶରୀର ରଚନା, ଉଦ୍ଭିଦ ବିଜ୍ଞାନ , ଜଳବିଜ୍ଞାନ, ଭୂବିଜ୍ଞାନ, ଅପ୍ଟିକ୍ସ, କିମ୍ବା ଜୀବାଶ୍ମ ବିଜ୍ଞାନ ହେଉ । କିନ୍ତୁ ପ୍ରଶ୍ନ ହେଉଛି ସେହି ଲେଡି ମୋନା ଲିସା କିଏ ? ଚିତ୍ରରେ ମହିଳାଙ୍କ ପରିଚୟକୁ ନେଇ ଲୋକମାନେ ସର୍ବଦା ଆଗ୍ରହୀ ଥିଲେ । ଏହା ବିଷୟରେ ପ୍ରଥମ ପ୍ରକାଶ ୧୫୫୦ ମସିହାରେ ଲିଓନାର୍ଡୋ ଡା ଭିଞ୍ଚିଙ୍କ ଆତ୍ମଜୀବନୀ ଲେଖିଥିବା ଜର୍ଜିଆଓ ଭାସାରି ନାମକ ଜଣେ ଇଟାଲୀୟ କଳାକାରଙ୍କ ଦ୍ୱାରା କରାଯାଇଥିଲା । ଭସାରିଙ୍କ ଅନୁସାରେ ସେ(ମୋନାଲିସା) ଫ୍ଲୋରେନ୍ସରେ ରହୁଥିବା ଏକ ରେଶମ ବ୍ୟବସାୟୀଙ୍କୁ ବିବାହ କରିଥିଲେ ଯାହାଙ୍କର ନାମ ଥିଲା ଫ୍ରାନ୍ସିସ୍କୋ ଜିଆକୋଣ୍ଡୋ । ସେ ବିଶ୍ୱାସ କରୁଥିଲେ ଯେ ଫ୍ରାନ୍ସିସ୍କୋ ତାଙ୍କ ପତ୍ନୀଙ୍କ ଏହି ପେଣ୍ଟିଂକୁ ତିଆରି କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହା ହେଉଛି ଏହି ପେଣ୍ଟିଙ୍ଗର ଉତ୍ପତ୍ତି । ପ୍ରଥମ ନାମ ଯାହା ଆମେ ସମସ୍ତେ ଜାଣୁ, ମୋନାଲିସା, ମ୍ୟାଡୋନା ଲିସା ଠାରୁ ଉତ୍ପନ୍ନ । ପାରମ୍ପାରିକ ଭାବରେ, ଇଟାଲୀରେ ମ୍ୟାଡୋନା ଶବ୍ଦ ମ୍ୟାଡାମ୍‌କୁ ବ୍ୟବହାର କରାଯାଉଥିଲା । ତେଣୁ ମ୍ୟାଡୋନା ଲିସା ଅର୍ଥାତ୍ ମ୍ୟାଡାମ୍ ଲିସା । ପରେ ମ୍ୟାଡୋନା ମୋନାକୁ ସଂକ୍ଷିପ୍ତ କରାଯାଇଥିଲା (ଯେଉଁଥିରେ NN ବ୍ୟବହାର ହେଉଥିଲା) । ଯେତେବେଳେ ଏହା ଇଂରାଜୀରେ ଲେଖାଗଲା ଗୋଟିଏ N କୁ ହଟାଇ ଦିଆଯାଇଥିଲା ଏବଂ ମୋନ୍ନା – ମୋନା ରେ ପରିବର୍ତ୍ତିତ ହେଲା । ତେଣୁ ମୋନା ଲିସା ଅର୍ଥାତ୍ ମ୍ୟାଡାମ୍ ଲିସା । ଏବଂ ତା'ପରେ ମୋନା ଲିସାଙ୍କର ଅନ୍ୟ ନାମ ଆସେ, ଯାହା ହେଉଛି ଲା ଜିଓକୋଣ୍ଡା । ତାଙ୍କ ବିବାହ ପରେ, ଲିସା ଜେରାର୍ଡିନି ଲିସା ଜିଆକୋଣ୍ଡୋ ହୋଇଗଲେ .. ଜିଆକୋଣ୍ଡୋ ଅର୍ଥ – ହାଲୁକା ହୃଦୟ ବା ଆନନ୍ଦଦାୟକ । ଅର୍ଥ, ଉଜ୍ଜ୍ୱଳ ଏବଂ ଆନନ୍ଦଦାୟକ । ଏବଂ ଆଜି ମୋନା ଲିସା ତାଙ୍କ ହସ ପାଇଁ ବହୁତ ପ୍ରସିଦ୍ଧ । ତେଣୁ, ସେହିଠାରେ ଏହାର ନାମ ଲା ଜିଓକୋଣ୍ଡୋ .. ତେଣୁ ସେଥିପାଇଁ ଯେତେବେଳେ ପ୍ୟାରିସର ଲୁଭ୍ରେ ସଂଗ୍ରହାଳୟକୁ ଯାଇ ମୋନା ଲିସାଙ୍କ ଚିତ୍ର ଦେଖନ୍ତି, ଫରାସୀ ଭାଷାରେ, ଏହାକୁ ଲା ଜୋକୋଣ୍ଡୋ ଭାବରେ ଚିହ୍ନଟ କରାଯିବ । ବର୍ତ୍ତମାନ ଜାଣିବା, ଏହି ପେଣ୍ଟିଂ କାହିଁକି ସ୍ୱତନ୍ତ୍ର !

ମୋନା ଲିସା ପେଣ୍ଟିଂ ଅନେକ କାରଣରୁ ସ୍ୱତନ୍ତ୍ର ବିବେଚନା କରାଯାଏ । ସର୍ବପ୍ରଥମେ, ଏହା ଦୁନିଆର ସବୁଠାରୁ ପ୍ରସିଦ୍ଧ ଏବଂ ଚିତ୍ରକଳା କଳା ପରି ବହୁଳ ଭାବରେ ପ୍ରସିଦ୍ଧ । ଷୋଡଶ ଶତାବ୍ଦୀର ପ୍ରାରମ୍ଭରେ ନବଜାଗରଣ କାଳରେ ଇଟାଲୀ କଳାକାର ଲିଓନାର୍ଡୋ ଡା ଭିନ୍ସି ଙ୍କ ଦ୍ୱାରା ଚିତ୍ରିତ ମୋନା ଲିସା ଅପାର ସାଂସ୍କୃତିକ ଏବଂ ଐତିହାସିକ ମହତ୍ତ୍ୱ ରଖିଥାଏ । ପେଣ୍ଟିଂକୁ ପୃଥକ କରୁଥିବା ଗୋଟିଏ ଦିଗ ହେଉଛି ବିଷୟର ଚେହେରାରେ ଚିତ୍ତାକର୍ଷକ ଅଭିବ୍ୟକ୍ତି । 'ମୋନା ଲିସା ହସ' (Mona Lisa smile) ଭାବରେ ଜଣାଶୁଣା, ତାଙ୍କର ଅସ୍ପଷ୍ଟ ହସ ଦର୍ଶକଙ୍କୁ ଆକର୍ଷିତ କରିଥାଏ, ଯାହା ରହସ୍ୟ ଏବଂ ଷଡ଼ଯନ୍ତ୍ର ପରି ଅନୁଭବ ହୁଏ । ଏହି କୌଶଳ ସ୍ଫୁମାଟୋ ଭାବରେ ଜଣାଶୁଣା, ତାଙ୍କ ବୈଶିଷ୍ଟ୍ୟଗୁଡିକ ପାଇଁ ଏକ ନରମ, ପ୍ରାୟ ଇଥେରାଲ୍ ଗୁଣ ସୃଷ୍ଟି କରେ, ବାସ୍ତବତା ଏବଂ ଗଭୀରତାର ଏକ ନିଆରା ଭାବନା ପ୍ରଦାନ କରେ । ଏହାର ମହତତ୍ତ୍ୱର ଅନ୍ୟ ଏକ କାରଣ ହେଉଛି ଡା ଭିଞ୍ଚି ଦ୍ୱାରା ନିୟୋଜିତ କୌଶଳର ଚମତ୍କାର ବ୍ୟବହାର । ସେ ଚାୟାରୋସ୍କୋରୋ ନାମକ ଏକ ଗ୍ରାଉଣ୍ଡବ୍ରେକିଙ୍ଗ୍ ପଦ୍ଧତିକୁ ନିୟୋଜିତ କରିଥିଲେ, ଯେଉଁଥିରେ ଆଲୋକ ଏବଂ ଛାୟାର ଦକ୍ଷତାର ସହିତ ଅନ୍ତର୍ଭୁକ୍ତ । ଏହି କୌଶଳଟି ଏକ ତିନି-ଡାଇମେନ୍ସନାଲ୍ ଇଫେକ୍ଟ ସୃଷ୍ଟି କଲା, ଯାହାକି ଜୀବନବ୍ୟାପୀ ଗୁଣକୁ ଏକ ବିଷୟ ଭାବେ ପ୍ରଦର୍ଶିତ କରେ । ଅଧିକନ୍ତୁ, ମୋନା ଲିସା ବିସ୍ତୃତ ଭାବରେ ଡା ଭିଞ୍ଚିଙ୍କ ଅତି ଧ୍ୟାନ ପ୍ରଦର୍ଶନ କରେ । ତାଙ୍କ କେଶ ଏବଂ ପୋଷାକକୁ ବ୍ୟାକଗ୍ରାଉଣ୍ଡରେ ଲ୍ୟାଣ୍ଡସ୍କେପ୍ ର ଯତ୍ନର ସହିତ ଉପସ୍ଥାପନ କରିବା ପାଇଁ ବ୍ୟବହୃତ ସୂକ୍ଷ୍ମ ବ୍ରଶଷ୍ଟ୍ରୋକ ଠାରୁ ଚିତ୍ରକଳା ବୈଷୟିକ ଜ୍ଞାନ ଏବଂ ଦକ୍ଷତା ପ୍ରଦର୍ଶନ କରେ । ଏହା ସହିତ, ଚିତ୍ରାଙ୍କନକୁ ଘେରି ରହିଥିବା ଐତିହାସିକ ପ୍ରସଙ୍ଗ ଏହାର ଆକର୍ଷଣରେ ସହାୟକ ହୋଇଥାଏ । ଲିସା ଜେରାର୍ଡିନୀ ବୋଲି ବିଶ୍ୱାସ କରାଯାଉଥିବା ବିଷୟର ପରିଚୟ କିଛି ମାତ୍ରାରେ ରହସ୍ୟ ହୋଇ ରହିଥାଏ, ଯାହା ଷଡଯନ୍ତ୍ରର ଭାବନାକୁ ଯୋଡିଥାଏ । ଏହି ପେଣ୍ଟିଂ ମଧ୍ୟ ଅନେକ ଐତିହାସିକ ଘଟଣା ଏବଂ ଚୋରି ଉଦ୍ୟମରୁ ରକ୍ଷା ପାଇଥିଲା । ଶେଷରେ, ମୋନା ଲିସାଙ୍କର ଆନ୍ତର୍ଜାତୀୟ ଖ୍ୟାତି ଏବଂ ଶତାବ୍ଦୀ ମଧ୍ୟରେ ଏହା ଧ୍ୟାନ ଏହାକୁ ଏକ ସାଂସ୍କୃତିକ ଆଇକନରେ ପରିଣତ କରିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ପରିଦର୍ଶକଙ୍କୁ ଆକର୍ଷିତ କରି ସମ୍ମାନଜନକ ସଂଗ୍ରହାଳୟରେ ଏହି ଚିତ୍ର ପ୍ରଦର୍ଶିତ ହୋଇଛି । ସଂକ୍ଷେପରେ, ମୋନା ଲିସା ପେଣ୍ଟିଂ ଏହାର ଉଲ୍ଲେଖନୀୟ କଳା କୌଶଳ, ବିଷୟର ଚିତ୍ତାକର୍ଷକ ଅଭିବ୍ୟକ୍ତି, ଏହାର ଐତିହାସିକ ମହତ୍ତ୍ୱ, ଏବଂ ସାଂସ୍କୃତିକ ଆଇକନ୍ ଭାବରେ ଏହାର ସ୍ଥିତି ହେତୁ ସ୍ୱତନ୍ତ୍ର ।

ଏଠାରେ ଗୋଟିଏ ବିଷୟ ଉଲ୍ଲେଖ କରିବା ଆବଶ୍ୟକ ଯେ, ଦା ଭିନ୍ସି ଇଟାଲୀର ନାଗରିକ ଥିଲେ , କିନ୍ତୁ ତାଙ୍କର ପେଣ୍ଟିଙ୍ଗ ଫ୍ରାନ୍ସ ରେ କିପରି ଥିଲା ? ବାସ୍ତବରେ,୧୫୧୬ ମସିହାରେ ଫ୍ରାନ୍ସର ରାଜା, ରାଜା ଫ୍ରାନ୍ସିସ୍ ପ୍ରଥମ, ଭିନ୍ସିଙ୍କୁ ଫ୍ରାନ୍ସରେ ରହିବାକୁ ନିମନ୍ତ୍ରଣ କରିଥିଲେ । ଏବଂ ତେଣୁ, ଦା ଭିନ୍ସି ଇଟାଲୀରୁ ଫ୍ରାନ୍ସକୁ ଚାଲିଗଲେ ଏବଂ ତାଙ୍କ ସହିତ ମୋନା ଲିସା ଚିତ୍ର ଆଙ୍କିଲେ । ବିଶ୍ୱାସ କରାଯାଏ ଯେ ଦା ଭିନ୍ସି ପେଣ୍ଟିଂ ଏପର୍ଯ୍ୟନ୍ତ ଶେଷ କରିନାହାଁନ୍ତି । ପେଣ୍ଟିଂ ଆରମ୍ଭ କରିବାର ୧୫ ବର୍ଷ ପରେ ମଧ୍ୟ ସେ ଏହି ପେଣ୍ଟିଂ ଉପରେ କାମ କରୁଥିଲେ, ଏହାକୁ ପରିବର୍ତ୍ତନ ଏବଂ ଉନ୍ନତ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ, ୧୫୧୯ ମସିହାରେ, ଡା ଭିଞ୍ଚି ଫ୍ରେଞ୍ଚ ପ୍ୟାଲେସରେ ରହିବା ସମୟରେ ଦେହାନ୍ତ ହୋଇଥିଲେ । ରାଜା ଏହି ଚିତ୍ରକୁ ତାଙ୍କ ରାଜକୀୟ ସଂଗ୍ରହର ଏକ ଅଂଶ ଭାବରେ ରଖିଥିଲେ । ପ୍ରାୟ ୧୫୦ ବର୍ଷ, ୧୭୯୭ ମସିହାରେ, ଯେତେବେଳେ ଫରାସୀ ବିପ୍ଳବ ହେଲା, ଏହି ଚିତ୍ରଟି ରାଜପ୍ରାସାଦରୁ ବାହାର କରି ଲୁଭ୍ରେ ସଂଗ୍ରହାଳୟକୁ ହସ୍ତାନ୍ତର କରାଯାଇଥିଲା ।୧୯୧୧ ମସିହାରେ ମୋନା ଲିସା ଚୋରି ହେବାର ଏହାଁ ହେଉଛି କାରଣ । ଏହି ଚୋରିର ମୁଖ୍ୟ ଥିଲେ ଭିନସେଞ୍ଜୋ । ସେ ତାଙ୍କର ଦୁଇ ସାଙ୍ଗଙ୍କ ସହିତ ଏହି ପେଣ୍ଟିଂ ଚୋରି କରିଥିଲେ । ସେ ଜଣେ ଇଟାଲୀୟ ଜାତୀୟତାବାଦୀ ଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଏହି ଚିତ୍ରଟି ଫ୍ରାନ୍ସରେ ନୁହେଁ ଇଟାଲୀର ଅଟେ । ତେଣୁ ଏହାକୁ ଚୋରି କରିବା ପରେ ସେମାନେ ଏହାକୁ ଇଟାଲୀକୁ ନେଇଗଲେ । ଭିଏନଜୋ ଏହି ପେଣ୍ଟିଂକୁ ଫ୍ଲୋରେନ୍ସର ଜିଓଭାନି ପୋଗ୍ଗି ନାମକ ଜଣେ କଳା ଡିଲରଙ୍କୁ ବିକ୍ରୟ କରିବାକୁ ଚେଷ୍ଟା କରିଥିଲେ । ଜିଓଭାନି ସନ୍ଦେହଜନକ ହୋଇ ପେଣ୍ଟିଂରେ ଥିବା ଷ୍ଟାମ୍ପକୁ ଦେଖିଲେ ଏବଂ ଜାଣିଲେ ଯେ ଏହା ଚୋରି ହୋଇଥିବା ପେଣ୍ଟିଂ ଅଟେ । ଏହି କାରଣରୁ, ଭିନସେଞ୍ଜୋ ଧରାପଡି ୬ ମାସ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ପେଣ୍ଟିଂକୁ ଲୁଭ୍ରେ ସଂଗ୍ରହାଳୟକୁ ପୁଣିଥରେ ପଠାଯାଇଥିଲା ।

# ବିଶ୍ୱ ପ୍ରସିଦ୍ଧ ନାଳନ୍ଦା ବିଶ୍ୱ ବିଦ୍ୟାଳୟର ଅତୀତ ଓ ବର୍ତ୍ତମାନ



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ–୮୨୪୯୨୮୧୫୬୭

ପୃଥିବୀର ସର୍ବପ୍ରାଚୀନ ଓ ବୃହତ୍ତମ ବିଶ୍ୱ ସ୍ତରୀୟ ଆବାସିକ ଶିକ୍ଷାନୁଷ୍ଠାନ 'ନାଳନ୍ଦା ମହାବିହାର ବା ଆନ୍ତର୍ଜାତୀୟ ନାଳନ୍ଦା ବିଶ୍ୱବିଦ୍ୟାଳୟ, ଯାହାକୁ ଏକ ବୌଦ୍ଧ ବିହାର କୁହାଯାଇପାରେ, ପ୍ରାଚୀନ ମଗଧ ଓ ବର୍ତ୍ତମାନର ବିହାର ପ୍ରଦେଶର ପୁରାତନ ସହର ରାଜଗ୍ରୀହ ଓ ବର୍ତ୍ତମାନର ନାଳନ୍ଦା ଜିଲ୍ଲା ରାଜଗିରି ସହରରେ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀରେ ତତ୍କାଳୀନ ଗୁପ୍ତ ଯୁଗର ସମ୍ରାଟ ସମୁଦ୍ରଗୁପ୍ତ ପ୍ରଥମ ପ୍ରତିଷ୍ଠା କରିଥିଲେ । କୁମାର ଗୁପ୍ତଙ୍କ ଅନ୍ୟ ନାମ ସକ୍ରାଦିତ୍ୟ ବୋଲି କୁହାଯାଏ । ଐତିହାସିକ ଏ.ବି. ସ୍ମିଥ୍‌ଙ୍କ ମତରେ ସମୁଦ୍ର ଗୁପ୍ତଙ୍କୁ ଭାରତର ନେପୋଲିଅନ ବୋନାପାର୍ଟ ବୋଲି କୁହାଯାଉଥିଲା ।

ଗୁପ୍ତ ଯୁଗକୁ ଇତିହାସକାରମାନେ ସୁବର୍ଣ୍ଣ ଯୁଗ ବୋଲି ନାମିତ କରିଛନ୍ତି । କାରଣ ଏହି କାଳଖଣ୍ଡରେ ଭାରତ ପ୍ରଗତିର ଶିଖର ସ୍ପର୍ଶ କରିଥିଲା । ଏପରିକି ଶିକ୍ଷା, କଳା ଓ ଭାରତୀୟ ସଂସ୍କୃତି ଅତ୍ୟନ୍ତ ଉଚ୍ଚକୋଟିର ଥିଲା । ସମଗ୍ର ପୃଥିବୀର ଇତିହାସକାରମାନେ ଗୁପ୍ତଯୁଗକୁ ଓ ସେ ସମୟର ଶାସକମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ବିହାର ପ୍ରଦେଶର ରାଜଧାନୀ ପାଟନାଠାରୁ ପୂର୍ବ ଦକ୍ଷିଣ ଦିଗକୁ ପ୍ରାୟ ୯୦ କିଲୋମିଟର ଦୂରରେ ଏବେବି ସେହି ବିଶ୍ୱବିଦ୍ୟାଳୟର ଭଗ୍ନାଂଶ ଶେଷ ମୂକ ସାକ୍ଷୀ ଭାବେ ଦଣ୍ଡାୟମାନ । ଯଦିଓ ବର୍ତ୍ତମାନର ସରକାର ସେହି ପ୍ରାଚୀନ ଐତିହ୍ୟର ସ୍ମୃତିକୁ ପୁନଃଜୀବିତ ରଖିବା ପାଇଁ ସେହି ଭଗ୍ନାବଶେଷଠାରୁ ୧୦ କିଲୋମିଟର ଦୂରରେ ନାଳନ୍ଦା ଜିଲ୍ଲା ରାଜଗିରି ସହରରେ ଅନ୍ତର୍ଜାତୀୟ ନାଳନ୍ଦା ବିଶ୍ୱବିଦ୍ୟାଳୟର ପୁନଃସ୍ଥାପନା କରିଛନ୍ତି, ହେଲେ ସେ ପ୍ରାଚୀନ ସ୍ତୁପ ଏବେବି ବିଦ୍ୟମାନ । ସମୁଦ୍ରଗୁପ୍ତ ଜଣେ ହିନ୍ଦୁ ଧର୍ମର ସମ୍ରାଟ ଓ ବିଷ୍ଣୁ ଉପାସକ ଥିଲେ, ଏପରିକି ସେ ଅଶ୍ୱମେଧ ଯଜ୍ଞ କରିଥିଲେ ବୋଲି କୁହାଯାଏ ।

ବୌଦ୍ଧ ଧର୍ମ ପ୍ରତି ସେ ଅତ୍ୟନ୍ତ ସହନଶୀଳ ଥିଲେ । ଗୁପ୍ତଯୁଗ ପରେ ପୁଷ୍ୟଭୁତି ବଂଶ ଓ ତା'ପରେ ପାଲ୍ ସାମ୍ରାଜ୍ୟର ଶାସକମାନେ ମଧ୍ୟ ନାଳନ୍ଦା ବିହାରର ବିକାଶ ପ୍ରତି ଗୁରୁତ୍ୱ ଦେଇଥିଲେ । ୮୦୦ ବର୍ଷ ବିଶ୍ୱବିଦ୍ୟାଳୟଟି କାର୍ଯ୍ୟକ୍ଷମ ଥିବା କଥା ଐତିହାସିକମାନଙ୍କ ମତ । ପଞ୍ଚମ ଶତାବ୍ଦୀରେ ଭାରତୀୟ ଶିକ୍ଷା ବ୍ୟବସ୍ଥା କେତେ ଉଚ୍ଚକୋଟିର ଥିଲା ତା'ର ଜ୍ୱଳନ୍ତ ଉଦାହରଣ ନାଳନ୍ଦା ବିହାର ବା ନାଳନ୍ଦା ବିଶ୍ୱବିଦ୍ୟାଳୟ । ସେଠାରେ ବିଶ୍ୱର ଭିନ୍ନ ଭିନ୍ନ ଦେଶର ଛାତ୍ର ଯଥା ତିବତ୍, ମଙ୍ଗୋଲିଆ, ଇଣ୍ଡୋନେସିଆ, ଜାପାନ, ଚାଇନା, କୋରିଆ, ଇରାନ, ଗ୍ରୀସ୍‌ର ଯୋଗ୍ୟ ଛାତ୍ରମାନଙ୍କୁ ଅଧ୍ୟୟନ କରିବାର ସୁଯୋଗ ମିଳୁଥିଲା । ଛାତ୍ରମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଏକ ସ୍ୱତନ୍ତ୍ର ପରୀକ୍ଷା ଦେବାକୁ ପଡୁଥିଲା । ସେମାନଙ୍କ ରହିବା, ଖାଇବା ଓ ସମସ୍ତ ଖର୍ଚ୍ଚ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବହନ କରୁଥିଲେ । ପ୍ରାୟ ପାଖାପାଖି ୧୦ ହଜାର ଛାତ୍ର ସେଠାରେ ରହି ଅଧ୍ୟୟନ କରୁଥିଲେ ଓ ସେହି ବିଶ୍ୱବିଦ୍ୟାଳୟରେ ୨ ହଜାର ଶିକ୍ଷକ ନିଯୁକ୍ତି ପାଇଥିଲେ । ପ୍ରତ୍ୟେକଟି ନିଷ୍ପତ୍ତି ଲୋକତାନ୍ତ୍ରିକ ପ୍ରଣାଳୀରେ ଯଥା ସେଠାରେ ଥିବା ବୌଦ୍ଧ ସନ୍ୟାସି, ଶିକ୍ଷକ ଓ ଛାତ୍ରମାନଙ୍କ ସହମତିରେ ନିଆଯାଉଥିଲା । ସେଠାରେ ମହାଜନ ଓ ହୀନଜାନ ବୌଦ୍ଧଧର୍ମର ଛାତ୍ର ମାନଙ୍କ ସହିତ ଅନ୍ୟ ଦେଶର ଛାତ୍ରମାନେ ଅଧ୍ୟୟନ କରୁଥିଲେ । ବୌଦ୍ଧ ଦର୍ଶନ, ସାହିତ୍ୟ, ଭାରତୀୟ ସଂସ୍କୃତିର ବେଦ ବେଦାନ୍ତ ଦର୍ଶନ, ଗଣିତ, ଜ୍ୟୋତିଷ, ଅର୍ଥଶାସ୍ତ୍ର, ବ୍ୟାକରଣ, ଆୟୁର୍ବେଦ, ରାଜନୀତି, କଳା, ଯୁଦ୍ଧ ନୀତି, ଆଧାତ୍ମିକ ବିଦ୍ୟା, ବ୍ରହ୍ମବିଦ୍ୟା ପ୍ରଭୃତି ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା । ସେହି ଶିକ୍ଷାନୁଷ୍ଠାନରୁ ଅନେକ ଛାତ୍ର ଯଥା ସମ୍ରାଟ ହର୍ଷବର୍ଦ୍ଧନ, ଧର୍ମପାଲ୍, ବସୁବନ୍ଧୁ, ଧର୍ମବୀର, ଆର୍ଯ୍ୟଭଟ୍ଟ, ନାଗାର୍ଜୁନ ଭଳି ବ୍ୟକ୍ତିତ୍ୱ ବିଦ୍ୟା ଶିକ୍ଷା କରି ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରକାଶ କରିଥିଲେ । ଚାଇନାର ବୌଦ୍ଧ ସନ୍ୟାସୀ Hiuen Tsang ଏହି ବିଶ୍ୱ ବିଦ୍ୟାଳୟରେ ଜଣେ ଛାତ୍ର ଭାବେ ଓ ପରେ ଶିକ୍ଷକ ଭାବେ ଅନେକ ବର୍ଷ ବିତାଇଥିଲେ ।

ବିଦେଶୀ ଶତ୍ରୁ ଈର୍ଷାନିତ୍ୱ ହୋଇ ତିନି ଥର ନାଳନ୍ଦା ବିଶ୍ୱ ବିଦ୍ୟାଳୟକୁ ଧ୍ୱଂସ କରିବା ସହିତ ସେଠାରେ ଥିବା ବୌଦ୍ଧ ସନ୍ୟାସୀ ଓ ଶିକ୍ଷକ ମାନଙ୍କୁ ହତ୍ୟା କରିଥଲେ । ପଞ୍ଚମ ଶତାବ୍ଦୀରେ ହୁଁନ ମାନେ ମିହିରକୁଳ ରାଜତ୍ୱ ସମୟରେ ଆକ୍ରମଣ କରିଥିଲେ । ପୁନର୍ବାର ସପ୍ତମ ଶତାବ୍ଦୀରେ ବେଙ୍ଗଲର ଗୌଡ଼ ରାଜା ବିଶ୍ୱ ବିଦ୍ୟାଳୟ ଉପରେ ଆକ୍ରମଣ କରି ଅନେକ କିଛି ସମ୍ପତି ନଷ୍ଟ ଭ୍ରଷ୍ଟ କରିଦେଇଥିଲେ ଓ ପରବର୍ତ୍ତି ସମୟରେ ବୌଦ୍ଧ ଧର୍ମାବଲମ୍ବୀ ସମ୍ରାଟ ହର୍ଷବର୍ଦ୍ଧନ ବିଶ୍ୱବିଦ୍ୟାଳୟର ପୁନଃ ନିର୍ମାଣ କରିଥିଲେ । ତୃତୀୟଥର ତୁର୍କୀ ଆଫଗାନ ମିଲିଟାରୀ ଜେନେରାଲ ବକ୍ତିଆର ଖିଲିଜି ୧୧୯୧/୧୧୯୨ ମସିହାରେ ବିଶ୍ୱବିଦ୍ୟାଳୟ ଉପରେ ଆକ୍ରମଣ କରି ଅନେକ ଶିକ୍ଷକ, ସନ୍ୟାସୀ, ବୌଦ୍ଧଭିକ୍ଷୁମାନଙ୍କୁ ହତ୍ୟା କରିବା ସହିତ ନଅ ମହଲା ବିଶିଷ୍ଟ ପୁସ୍ତକାଗାରରେ ଅଗ୍ନି ସଂଯୋଗ କରିଦେଇଥିଲେ । କୁହାଯାଏ ସେ ଅଗ୍ନି ଅନେକ ଦିନ ଧରି ଜଳିଥିଲା, ଯେଉଁଥିରେ ୯ ମିଲିୟନ ପୋଥି ଜଳି ପୋଡି ନଷ୍ଟ ହୋଇଯାଇଥିଲା । ଆକ୍ରମଣକାରୀଙ୍କ ଉଦ୍ଦେଶ୍ୟ ଥିଲା ଭାରତୀୟ ସଂସ୍କୃତି, ଆୟୁର୍ବେଦ ସହିତ ବୌଦ୍ଧଦର୍ଶନ ସମ୍ବନ୍ଧୀୟ ସମସ୍ତ ପାଣ୍ଡୁଲିପିକୁ ନଷ୍ଟ କରିଦେବା ଓ ସେମାନେ ମଧ୍ୟ ସେଥିରେ କୃତକାର୍ଯ୍ୟ ହୋଇପାରିଥିଲେ । ଫଳରେ ଶିକ୍ଷାର ମେରୁଦଣ୍ଡ ଭାଙ୍ଗିଯାଇଥିଲା। ଏହାପରେ ୧୨୦୦ ଶତାବ୍ଦୀ ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟଟି ଚାଲିଥିଲା ଓ ତା'ପରେ ପ୍ରୋତ୍ସାହନ ଅଭାବରୁ ବନ୍ଦ ହୋଇଯାଇ କାଳକ୍ରମେ ଭାଙ୍ଗିରୁଜି ମାଟି ତଳେ ପୋତି ହୋଇଯାଇଥିଲା । ଭାରତୀୟ ପ୍ରତ୍ନତତ୍ତ୍ୱଙ୍କ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପୋତି ହୋଇ ପଡ଼ିଥିବା ବିଶ୍ୱ ବିଦ୍ୟାଳୟଟି ୧୯୧୫ ରୁ ୧୯୩୭ ଏବଂ ୧୯୭୪ ରୁ ୧୯୮୨ ପର୍ଯ୍ୟନ୍ତ ଖନନ କରାଯାଇଥିଲା । ବହୁ ବର୍ଷ ପରେ ୨୦୦୬ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଏ.ପି. ଜେ. ଅବଦୁଲ କଲାମ ବିହାର ବିଧାନସଭାର ଉଭୟ ଗୃହକୁ ସମ୍ବୋଧିତ କରିବା ସମୟରେ ପୁରାତନ ନାଳନ୍ଦା ବିଶ୍ୱ ବିଦ୍ୟାଳୟକୁ ପୁନଃର୍ଗଠନ କରିବାର ପ୍ରସ୍ତାବ ଦେଇଥିଲେ, ଯାହାକି ୨୦୦୭ ମସିହାରେ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ପ୍ରସ୍ତାବକୁ ୧୬ଟି ଦେଶ ଆଗ୍ରହ ପ୍ରକାଶ କରିବାରୁ ପ୍ରସ୍ତାବଟି ଆଗକୁ ଯାଇଥିଲା ଓ ଭାରତ ସରକାର ୨୦୧୦ ମସିହାରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଧେୟକ ସଂସଦରେ ପାରିତ କରିଥିଲେ । ଉକ୍ତ ବିଧେୟକଟି ୨୧ ଅଗଷ୍ଟ ୨୦୧୦ରେ ରାଜ୍ୟସଭାରେ ପାରିତ ହେବା ପରେ ୨୬ ଅଗଷ୍ଟ ୨୦୧୦ରେ ଲୋକସଭାରେ ପାରିତ ହୋଇଥିଲା ଓ ସେହି ବର୍ଷ ୨୫ ନଭେମ୍ବରଠାରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା । ୨୦୧୪ ମସିହାରେ ପ୍ରଥମ ବ୍ୟାଚ ଛାତ୍ର ବିଶ୍ୱ ବିଦ୍ୟାଳୟରେ ନାମ ଲେଖାଇଥିଲେ । ପ୍ରଥମେ ୧୬ଟି ଦେଶ ଏହି ବିଶ୍ୱ ବିଦ୍ୟାଳୟକୁ ସାହାଯ୍ୟ ପାଇଁ ଆଗେଇ ଆସିଥିବା ବେଳେ ୨୦୧୯ ମସିହାରେ ମୋଟ ୧୮ଟି ଦେଶ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ ଓ ସେହିଦିନ ଠାରୁ ନାଳନ୍ଦା ବିଶ୍ୱବିଦ୍ୟାଳୟ ଏକ ଆନ୍ତର୍ଜାତୀୟ ବିଶ୍ୱ ବିଦ୍ୟାଳୟ ଭାବେ ସ୍ୱୀକୃତି ପାଇଥିଲା । ୨୦୧୧ ମସିହାରେ ବିହାର ସରକାର ବିଶ୍ୱ ବିଦ୍ୟାଳୟ ପାଇଁ ୪୫୫.୧୯ଏକର ଜମି ଦାନ କରିଥିଲେ । ୨୦୧୭ ମସିହାରୁ ୨୦୨୩ ମସିହା ଭିତରେ ବିଶ୍ୱ ବିଦ୍ୟାଳୟର ଭିତ୍ତିଭୂମି କାର୍ଯ୍ୟ ୯୦ ଭାଗ ସଂପୂର୍ଣ ହେବା ପରେ ୧୯ ଜୁନ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦି ଉଦ୍‌ଘାଟନ କରିଥିଲେ ଓ ଏହି ସମୟରେ ବିହାର ମୁଖ୍ୟମନ୍ତ୍ର ସମେତ ୧୦ଟି ଦେଶର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ । ନାଳନ୍ଦା ଅନ୍ତର୍ଜାତୀୟ ବିଶ୍ୱ ବିଦ୍ୟାଳୟ Central Post Graduate Reserch Institute ଭାବେ Ministry of External Affairs underରେ କାର୍ଯ୍ୟ କରି ଆସୁଛି । ବିଶେଷ ଭାବରେ ଏହା ଏକ ସ୍ନାତକୋତ୍ତର ବିଶ୍ୱବିଦ୍ୟାଳୟ ସହିତ ଡକ୍ଟର ଅଫ ଫିଲୋସଫି କାର୍ଯ୍ୟକ୍ରମ ସେଠାରେ ଚାଲୁ ରହିଛି । ଏହି ଐତିହାସିକ ଅଧ୍ୟୟନ, ବୌଦ୍ଧ ଅଧ୍ୟୟନ, ପରିସ୍ଥିତି ଓ ପର୍ଯ୍ୟାବରଣ ଅଧ୍ୟୟନ, ଦର୍ଶନଶାସ୍ତ୍ର ଓ ତୁଳନାତ୍ମକ ଧର୍ମ, ଭାଷା ଓ ସାହିତ୍ୟ ଓ ମ୍ୟାନେଜମେଣ୍ଟ ଷ୍ଟଡିଜି ଇତ୍ୟାଦି ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି ଓ ଭବିଷ୍ୟତରେ ଆହୁରି ଅନେକ ସମୟପଯୋଗୀ ପାଠ୍ୟକ୍ରମ ଚାଲୁ ହେବାକୁ ସ୍ଥିର କରାଯାଇଛି । ବର୍ତ୍ତମାନର ବିଶ୍ୱ ବିଦ୍ୟାଳୟଟି ପୁରାତନ ବିଶ୍ୱ ବିଦ୍ୟାଳୟ ଢାଞ୍ଚା ଓ ପୁରାତନ ପାଠ୍ୟକୁ ଗୁରୁତ୍ୱ ଦିଆଯାଇଛି । ଏହି ବିଶ୍ୱବିଦ୍ୟାଳୟଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ପୃଥିବୀର ଏକ ନମ୍ବର ବିଶ୍ୱ ବିଦ୍ୟାଳୟର ମାନ୍ୟତା ଲାଭ କରିବ ବୋଲି ଆଶା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଅଗଷ୍ଟ ୨୦୨୫ ରବିବାର






## ବିଜ୍ଞାପିତ ଅଞ୍ଚଳ ପରିଷଦ, ପୋଲସରା, ଗଞ୍ଜାମ

NOTIFIED AREA COUNCIL POLASARA, GANJAM

୧. ପରିଷଦର ଦେୟ ଯଥା ହୋଲଡିଂ ଟିକସ, ଦୋକାନ ଗୃହ ଟିକସ ଓ ୟୁଜର ଫି ଠିକ୍ ସମୟରେ ପୈଠ କରନ୍ତୁ। ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ।
୨. ନିଜ ଘରର ଅଳିଆ ଓଦା ଶୁଖିଲା ରୂପରେ ଅଳିଆ ଗାଡ଼ିରେ ଦିଅନ୍ତୁ। ନିଜର ପାଇଖାନା ଟାଙ୍କି ପ୍ରତି ଦିନି ବର୍ଷରେ ସେସପୁଲ ଗାଡ଼ି ଦ୍ୱାରା ସଫା କରନ୍ତୁ। ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ। ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ। ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୂରେଇ ରୁହନ୍ତୁ। ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ।
୩. ଟ୍ରେଡ଼ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ। ଦୋକାନ ସାଇନ ବୋର୍ଡ ୬୦% ଓଡ଼ିଆରେ ଲେଖିବା ବାଧ୍ୟତାମୂଳକ ଅଟେ। ଡ୍ରେନ୍ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।

କୈଳାଶ ଚନ୍ଦ୍ର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ
ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷ
ସଙ୍ଗିତା ବେହେରା, ଅଧ୍ୟକ୍ଷା



## ନବରଂଗପୁର ପୌରପାଳିକା

ନବରଙ୍ଗପୁର
ପବିତ୍ର ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ

ନିବେଦନ
୧) ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ(ଡାକି)ପ୍ରଦାନ କରନ୍ତୁ
୨) ଗୃହ ସାମନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡିଥିବାର ଦୃଷ୍ଟିଗୋଚର ହେଲେ ଜୋରିମାନା ଆଦାୟ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୩) ନିର୍ଦ୍ଧାରିତ ଟିକସ ଠିକ ସମୟରେ ପଇଠ କରନ୍ତୁ।
୪) ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁନାହିଁ।
୫) ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁନାହିଁ।
୬) ସହର ଆଭ୍ୟନ୍ତରିଣ ରାସ୍ତାଗୁଡିକ ଉପରେ ଗୃହପାଳିତ ପଶୁଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ।
୭) ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ।
୮) ଟ୍ରାଫିକ୍ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ।
୯) ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
୧୦) ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ ରୁହନ୍ତୁ।
୧୧) ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ।
୧୨) ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସଯୁକ୍ତ ଗାଡି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ୦୬୮୫୮୨୯୫୪୨୮/୧୪୪୨୦ (ଟୋଲଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।

'ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢିବାରେ ସହାୟକ ହୁଅନ୍ତୁ'
(ସ୍ୱଚ୍ଛ ସର୍ବେକ୍ଷଣ-୨୦୨୫)

ଡ.ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା
ଶ୍ରୀ କୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା



## ପୌର ପରିଷଦ କାର୍ଯ୍ୟାଳୟ,ଗୁଣପୁର
### ସ୍ୱାୟତ୍ତ ଶାସନ ଦିବସ
### ୩୧ ଅଗଷ୍ଟ ୨୦୨୫

ମହାଶୟା/ମହାଶୟ,
ଆସନ୍ତା ତା ୩୧.୦୮. ୨୦୨୫ ରିଖ ରବିବାର ଦିନ ଗୁଣୁପୁର ପୌର ପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ – ୨୦୨୫ " ପାଳିତ ହେବାକୁ ଯାଉଅଛି | ଏହି ଅବସରରେ ପୌର ପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି | ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ | ପୌର ପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ |

ବାର୍ତ୍ତା
୧. "ମାଙ୍କ ପାଇ ଗଛ ଟିଏ" - ଆସନ୍ତୁ ଗଛ ଲଗାଇବା ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା |
୨. ଗୃହର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦର ଆବର୍ଜ୍ଜନା ସଂଗ୍ରହ ଗାଡ଼ିରେ ଦିଅନ୍ତୁ |
୩. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧରାସ୍ତାକୁ ଛାଡନ୍ତୁ ନାହିଁ |
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ |
୫. ଘରର ଲାଟିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସପୂଲ୍ ଗାଡ଼ି କୁ ବ୍ୟବହାର କରନ୍ତୁ |

|| ଶ୍ରଦ୍ଧାର ସହ ||
ଆପଣଙ୍କ ଗୁଣମୁଗ୍ଧ

ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ଼, ଉପାଧ୍ୟକ୍ଷ, ପୌର ପରିଷଦ, ଗୁଣପୁର
ଶ୍ରୀମତୀ ମମତା ଗୌଡ଼, ଅଧ୍ୟକ୍ଷା, ପୌର ପରିଷଦ, ଗୁଣପୁର
ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଗୁଣପୁର
ପୌର ପରିଷଦର ସମସ୍ତ ପାରିଷଦ ବୃନ୍ଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଭଞ୍ଜନଗର (ଗଞ୍ଜାମ)

ଆଜିର ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବାସ କରୁଥିବା ସମସ୍ତ ଭାଇ ଭଉଣୀ, କର୍ମଚାରୀ, ବ୍ୟବସାୟୀ ବନ୍ଧୁ ଏବଂ ଶୁଭେଚ୍ଛୁ ମାନଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାଗତ ଜଣାଇବା ସହିତ ସହରବାସୀଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଏକାନ୍ତ କାମନା କରୁଅଛୁ। ଏହି ସହର ଆପଣ ମାନଙ୍କ ସହର। ଆସନ୍ତୁ ଆମ୍ଭେମାନେ ସମସ୍ତେ ଏକଜୁଟ ହୋଇ ଆମ ସହରକୁ ସରସ ସୁନ୍ଦର ସ୍ୱଚ୍ଛ ଓ ସବୁଜ କରି ଗଢ଼ି ତୋଳିବା ଓ ରାଜ୍ୟ ତଥା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିବା ପାଇଁ ସହଯୋଗ କରିବା।

୧. ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ସମସ୍ତ କରଦାତା ମାନଙ୍କୁ ଅନୁରୋଧ ସେମାନେ ନିଜ ନିଜର ଗୃହଗୁଡ଼ିକର ଟିକସ, ଲାଇସେନ୍ସ ଫିସ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଭଡା ଠିକ୍ ସମୟରେ ଦାଖଲ କରନ୍ତୁ।
୨. ଘରର ଅଳିଆ ଆବର୍ଜନା ନାଳ ନର୍ଦ୍ଦମାରେ ନ ପକାଇ ପରିଷଦ ତରଫରୁ ଯୋଗାଇ ଦିଆଯାଇଥିବା ସଫେଇ ଗାଡ଼ିରେ ପକାନ୍ତୁ କିମ୍ବା ସଫେଇ କର୍ମଚାରୀମାନଙ୍କୁ ପ୍ରଦାନ କରନ୍ତୁ।
୩. ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ମିତ ହୋଇଥିବା ଶୌଚାଳୟ ବ୍ୟବହାର କରନ୍ତୁ, ବାହାରେ ମଳତ୍ୟାଗ କରନ୍ତୁ ନାହିଁ।
୪. ବିବାହ ପଞ୍ଜୀକରଣ ଠିକ ସମୟରେ କରାଇ ନିଅନ୍ତୁ।
୫. ସହରରେ ଥିବା ରାସ୍ତା ମଧ୍ୟରେ ଗୃହ ନିର୍ମାଣ ଉପକରଣ ତଥା ଭଗ୍ନାବଶେଷ (ନୂତନ/ପୁରାତନ) ଜମାକରି ରଖନ୍ତୁନାହିଁ। ଯାହାକି ଜନସାଧାରଣଙ୍କର ଦୈନନ୍ଦିନ ଯାତାୟାତ କରିବାରେ ବ୍ୟାଘାତ ସୃଷ୍ଟି ହେବ।
୬. ରାସ୍ତା ଉପରେ ଅଳିଆ, ଆବର୍ଜନା ପକାନ୍ତୁ ନାହିଁ କିମ୍ବା ଡ୍ରେନ୍ ମଧ୍ୟକୁ ପାଇଖାନା ମଇଳା ନିଷ୍କାସନ ପାଣି ସଂଯୋଗ କରନ୍ତୁ ନାହିଁ।
୭. ସହର ମଧ୍ୟରେ ଗୃହ ପାଳିତ ପଶୁ ଗାଈ, ଗୋରୁ, ମଇଁଷି, ଘୁଷୁରି ଇତ୍ୟାଦିଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୮. ୟୁଜର୍ସ ଫୀ ଠିକ୍ ରୂପେ ସ୍ୱଚ୍ଛସାଥୀ ମାନଙ୍କୁ ପଇଠ କରନ୍ତୁ।
୯. ପରିଷଦ ଦ୍ୱାରା ନିର୍ଦ୍ଧାରିତ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ।
୧୦. ପଲିଥିନ ଓ ପ୍ଲାଷ୍ଟିକ ପଦାର୍ଥ ବ୍ୟବହାର କରନ୍ତୁ ନାହିଁ, ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
୧୧. ଗୃହ ନିର୍ମାଣ ପୂର୍ବରୁ ପରିଷଦ ଦ୍ୱାରା ନିଜ ନିଜ ଗୃହ ନିର୍ମାଣ ଯୋଜନାର ଅନୁମୋଦନ କରାଇ ନିଅନ୍ତୁ।
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ପତ୍ତି ହେଉଛି ଆପଣମାନଙ୍କ ସମ୍ପତ୍ତି, ଏହାର ସୁରକ୍ଷା ଦାୟିତ୍ୱ ଆପଣଙ୍କର ଏବଂ ଆପଣମାନେ ଏହାକୁ ସଦାସର୍ବଦା ପରିଷ୍କାର ରଖନ୍ତୁ ଏବଂ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ବୃକ୍ଷ ରୋପଣ କରି ସ୍ୱଚ୍ଛ ପରିବେଶ ଗଠନ କରନ୍ତୁ ଓ ଶୁଭସକାଳର ଜାଗ୍ରତ ପ୍ରହରୀ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଛୋଟ ବଡ଼ କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ।

ଶ୍ରୀ ଗୋପବନ୍ଧୁ ମହାପାତ୍ର, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର
ଶ୍ରୀମତୀ ଶୁଭଶ୍ରୀ ଦାସ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର
ଶ୍ରୀ ମୂରଲୀକୃଷ୍ଣ ପଣ୍ଡା (ଓ.ରା.ସେ), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

ଦୈନିକ ଖବର କାଗଜ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।

### ପରିଷଦ ତରଫରୁ ଆମର ସଂକଳ୍ପ

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ। ୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦା ନିମନ୍ତେ ବାସପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି। ୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ। ୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବା। ୫. ସମସ୍ତ ରାସ୍ତାର ଏଲିଡି ଲାଇଟ ଦ୍ୱାରା ଆଲୋକିକରଣ କରାଯାଇଅଛି। ୬. ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି। ୭. ଗାଇ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ। ୮. ଗ୍ରୀନ୍ ସିଟି ମିଶନ୍‌ରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଅଛି। ୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନକୁ ସୁନ୍ଦର ଏବଂ ମନୋରମ ସେଲ୍‌ଫି ପଏଣ୍ଟ (Selfi Point)ପରିବର୍ତ୍ତିତ କରାଯାଇଅଛି। ୧୦. ଘରୁ ବାହାରୁ ଥିବା ଅଳିଆ ଆବର୍ଜନା ଗୁଡିକୁ ଏମ୍‌ସିସି, ଏମ୍‌ଆର୍‌ଏଫ୍ (MCC, MRF) ପ୍ରଣାଳୀରେ ମୋଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇ ପାରୁଅଛି। ୧୧. ବହୁ ମାତ୍ରାରେ ସଫା ଆପ୍ (Safa App) ବ୍ୟବହାର କରି ସେସପୁଲ ଗାଡି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି। ୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ଅଳିଆ ଗାଡିରେ ଅଳିଆ ପକାଇବା ଓ ମିଳିମିଶି ଆମ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବା। ୧୩. ପୋଖରୀ ଗୁଡ଼ିକର ପୁନରୁଦ୍ଧାର କରାଯାଇ ରୂପାନ୍ତିକରଣ କରାଯାଇଛି। ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ

''ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ, ଚିକିଟୀକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ''
''ସ୍ୱଚ୍ଛ ଗଞ୍ଜାମ ସୁସ୍ଥ ଗଞ୍ଜାମ
ସ୍ୱଚ୍ଛ ଚିକିଟୀ ସୁସ୍ଥ ଚିକିଟୀ''

ସ୍ୱା/- ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ, ଉପ ନଗରପାଳ, ବିଜ୍ଞାପିତ ଅଞ୍ଚଳପରିଷଦ, ଚିକିଟି
ସ୍ୱା/- ଶ୍ରୀମତି ଦୀପା କୁମାରୀ ସାହୁ, ନଗରପାଳିକା, ବିଜ୍ଞାପିତ ଅଞ୍ଚଳପରିଷଦ, ଚିକିଟି
ସ୍ୱା/- କାର୍ଯ୍ୟ ନିର୍ବାହୀଅଧିକାରୀ, ବିଜ୍ଞାପିତ ଅଞ୍ଚଳପରିଷଦ, ଚିକିଟି



## ବାର୍ତ୍ତା

❖ ପରିଷଦର ଟିକସ, ଗୃହ ଟିକସ, ସଫେଇ କର ଦୋକାନ ଭଡ଼ା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ଦିଅନ୍ତୁ।
❖ ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ଅତି ଶୀଘ୍ର ମଞ୍ଜୁର କରାଇ ନିଅନ୍ତୁ।
❖ ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ୍ ପୃଥକ୍ କରିରଖି ପରିଷଦ ତରଫରୁ ନିଯୁକ୍ତ ଗାଡ଼ିରେ ପକାନ୍ତୁ ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ।
❖ ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା- ଗୋଡ଼ି, ବାଲି, ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ।
❖ ଗୃହପାଳିତ ପଶୁ ଯଥା ଗାଇଗୋରୁ, ଛେଳି, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡ଼ନ୍ତୁ ନାହିଁ।
❖ ପଲିଥିନ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ।
❖ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।
❖ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଅତିକମ୍‌ରେ ୫ ମିଟର ପରିଧି ବିଶିଷ୍ଟ ଅଞ୍ଚଳକୁ ସଫା ରଖନ୍ତୁ ଓ ଡଷ୍ଟବିନ୍‌କୁ ବ୍ୟବହାର କରନ୍ତୁ।

ସ୍ୱା-
କାର୍ଯ୍ୟନିର୍ବହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା



## ସ୍ୱଚ୍ଛତା ବାର୍ତ୍ତା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଅଛୁ।
୧) ବିକଶିତ ଓଡ଼ିଶା- ୨୦୩୬କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମ ସହରକୁ ବିକଶିତ କରିବା।
୨) ଆଇନ ଗତ ସଫେଇ, ସୁରକ୍ଷିତ ସଫେଇ ଅଭିଜାନରେ ନିଜକୁ ସାମିଲ କରିବା ଓ କେବଳ ପରିଷଦର ପ୍ରଶିକ୍ଷିତ ସଫେଇ ମିତ୍ରଙ୍କ ଦ୍ୱାରା ନିଜର ପାଇଖାନା ଟାଙ୍କି ସଫା କରିବା।
୩) ସଫେଇ ମିତ୍ରଙ୍କୁ ଯଥାଚିତ ସମ୍ମାନ କରିବା।
୪) ପ୍ରତ୍ୟେକ ବ୍ୟକ୍ତି ନିଜ ମା ଙ୍କ ନାମରେ ଗଛଟିଏ ଲଗାଇବା।
୫) ପରିଷଦର କର ଠିକ୍ ସମୟରେ ଦାଖଲ କରି ଏକ ସୁନାଗରିକ ଭାବରେ ନିଜକୁ ପରିଚିତ କରାଇବା।

ସ୍ୱଚ୍ଛତା ଆପଣାନ୍ତୁ ବେମାରିକୁ ହଟାନ୍ତୁ।

ସୂର୍ଯ୍ୟନାରାୟଣ ନାୟକ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ କୋଦଳା
କୃଷ୍ଣ ଚନ୍ଦ୍ର ରଥ, କାର୍ଯ୍ୟନିର୍ବାହୀ ଅଧିକାରୀ, କୋଦଳା, ବିଜ୍ଞାପିତ ଅଞ୍ଚଳ ପରିଷଦ
ରଞ୍ଜିତା ସେଠୀ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ କୋଦଳା
ଓ
ସମସ୍ତ ପାରିଷଦ ବୃନ୍ଦ



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ପରିଷଦର ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ। ଏହି ଅବସରରେ ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା।
- ଆମ ସହରକୁ ଆମେ ଗଢ଼ିବା ଓ ସୁନ୍ଦର ରଖିବା।
- ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା।
- ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ପରିବେଶ ଓ ସମୁଦ୍ର କୂଳକୁ ସର୍ବଦା ସଫାସୁତୁରା ରଖନ୍ତୁ।
- ପଲିଥିନ ବ୍ୟବହାର କରିବାନାହିଁ।
- ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ।

ଶ୍ରୀ ପୁରୁଷୋତ୍ତମ ବେଣିଆ, ନିର୍ବାହୀ ଅଧିକାରୀ
ଶ୍ରୀ ଏ. ଜାନକୀ ରାମ, ଅଧ୍ୟକ୍ଷ
ଶ୍ରୀମତୀ ବି. ଉମା, ଉପାଧ୍ୟକ୍ଷା

ସଭ୍ୟ ସଭ୍ୟା ବୃନ୍ଦ
ଶ୍ରୀ ଏସ. ବିରେନ କୁମାର, ଶ୍ରୀମତୀ କଳ୍ପନା ବେହେରା, ଶ୍ରୀ ବି. ମୋହନ ରାଓ
ଶ୍ରୀ ରତନି କୁମାରୀ ନାୟକ, ଶ୍ରୀମତୀ ନିର୍ମଳା କୁଜୁର, ଶ୍ରୀ ଜି. ମୋହନ ରାଓ
ସ୍ୱର୍ଗତ ଶ୍ରୀ ବି. ଗୋପାଳ କ୍ରୀଷ୍ଣା, ଶ୍ରୀମତୀ ସୁନିତା ସାହୁ, ଶ୍ରୀ କେ. କାଳେଶୁ
ଶ୍ରୀମତୀ ଏମ କାମେଶ୍ୱରୀ



## ଭବାନୀପାଟଣା ପୌର ପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ,ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ ସୁନ୍ଦର ସ୍ୱଚ୍ଛ ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ, ନଗରପାଳ

ତଥା
ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପାଳିକା।



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ଏହି ସହରକୁ ସବୁଜ ସୁନ୍ଦର ସହରରେ ପରିଣତ କରିବା ପାଇଁ ଆପଣମାନଙ୍କ ବ୍ୟକ୍ତିଗତ ସହଯୋଗ କାମନା କରିବା ସହ ପରିଷଦର ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରୁଅଛୁ।
କ.ପରିଷଦର ବକେୟା କର/ହୋଲଡିଂଗ ଟ୍ୟାକ୍ସ ନିର୍ଦ୍ଧାରିତ ସମୟରେ ମଧ୍ୟରେ ପୈଠ କରନ୍ତୁ। ଖ.ଘରର ଅଳିଆ ଆବର୍ଜନାକୁ ଓଦା ଏବଂ ଶୁଖିଲା ଭାବରେ ପୃଥକ କରି ପରିଷଦର ଗାଡିରେ ପ୍ରତ୍ୟହ ଦିଅନ୍ତୁ। ଗ.ନିଜ ଘରର ଚତୁପାର୍ଶ୍ୱକୁ ପ୍ରଦୁଷଣ ମୁକ୍ତ ରଖନ୍ତୁ। ଘ.ସମସ୍ତ ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଅନୁରୋଧ କରାଯାଉଅଛି ଯେ,କେନ୍ଦ୍ରୀୟ ପ୍ରଦୁଷଣ ବୋର୍ଡ ନିୟମାନୁଯାୟୀ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କରନ୍ତୁ ନାହିଁ। ଙ.ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଲଡିଂଗ ଆପ୍ରୁଭାଲ ପ୍ଲାନ ଏନ.ଏ.ସି କାର୍ଯ୍ୟାଳୟ ଠାରୁ କରାଇ ନିୟନ୍ତୁ। ଚ.ସମସ୍ତ ଜନସାଧାରଣମାନେ ନିଜ ନିଜର ଗୃହପାଳିତ ପଶୁଗୁଡିକୁ ନିଜ ଯତ୍ନରେ ରଖନ୍ତୁ।ଏଣେତେଣେ ରାସ୍ତା ଉପରକୁ ଛାଡନ୍ତୁ ନାହିଁ। ଛ.ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ଟ୍ରେଡ ଲାଇସନସ ଓ ପରିମଳ ୟୁଜର ଫିଜ୍ କାର୍ଯ୍ୟାଳୟରେ ଦାଖଲ କରି ବ୍ୟବସାୟ ପ୍ରମାଣ ପତ୍ର ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଉଛି। ଜ.ଏହି ପରିଷଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରେ ଛତ୍ରପୁର ସହରକୁ ସବୁଜ ଓ ସୁନ୍ଦର ସହର ରୂପେ ଗଠନ କରିବାରେ ସହଯୋଗ କରନ୍ତୁ।

ଶ୍ରୀ ପ୍ରସନ୍ନ କୁମାର ଦାଶ (ଓ.ମ.ମ.ସ), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
ଜି. ପାପା ରାଓ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର
ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର



## ପୌର ପରିଷଦ କାର୍ଯ୍ୟାଳୟ ଫୁଲବାଣୀ

ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢ଼େଇ ନେବା ପାଇଁ, ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣ ମାନେ
*****************
❖ ଫୁଲବାଣୀ ପୌର ପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ।
❖ ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ।
❖ ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡ଼ିରେ ଦିଅନ୍ତୁ।
❖ ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣଧିନ ସାମଗ୍ରୀ ଯଥା ବାଲି, ଗୋଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ।
❖ ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନଛାଡ଼ି ନିଜ ହେପାଜତରେ ରଖନ୍ତୁ।
❖ ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଦ୍ଧାରିତ ଟିକସ ସଠିକ୍ ସମୟରେ ପଇଠ କରନ୍ତୁ।
❖ ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ୍ତ ରୁହନ୍ତୁ।
❖ ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ।
❖ ପ୍ରତ୍ୟେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକ୍‌ଟ୍ରିକ୍ ବର୍ଜ୍ୟବସ୍ତୁ ଏଣେ ତେଣେ ନପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡ଼ି ମାନଙ୍କରେ ଦିଅନ୍ତୁ।
❖ ଫୁଲବାଣୀ ପୌରପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ୍ ମଡେଲ୍ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତ୍ତନ କରାଯାଉଅଛି।
❖ ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ୍ ସାଇଟ୍ ଯାଇ ସେବା ନିଅନ୍ତୁ।

ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ
ସମସ୍ତ ପାରିଷଦ ବୃନ୍ଦ, ଫୁଲବାଣୀ ପୌରପରିଷଦ।
ଅଧ୍ୟକ୍ଷା, ଫୁଲବାଣୀ ପୌରପରିଷଦ





# ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହେଲେ କୃଷି ବୈଜ୍ଞାନିକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଞ୍ଜନ ସାହୁଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ରାଜ୍ୟପାଳ ପୁରସ୍କୃତ କରିଥିବା ଜଣାପଡିଛି। ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୪ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସାହୁଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଏକାମ୍ର କ୍ଷେତ୍ରର ବିଧାୟକ ବାବୁ ସିଂ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମୃତ ସୌମ୍ୟାଶ୍ରୀଙ୍କ ବାପା ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟିଲେ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳ, ଏସପିଙ୍କୁ ଭେଟିଛନ୍ତି ମୃତ ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ବାପା। କଲେଜ ଆଇସିସି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦେଶବ୍ୟାପି ଆଲୋଡନ ସୃଷ୍ଟି କରିଥିବା ସୌମ୍ୟାଶ୍ରୀ ଆତ୍ମଦାହ ମାମଲାରେ ଏବେ ସୁଦ୍ଧା ୪ ଜଣ ଗିରଫ ହୋଇଛନ୍ତି। ମାତ୍ର କୌଣସି ଆଇସିସି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଝିଅକୁ ଆତ୍ମଦାହ ପାଇଁ ଉସୁକାଇଥିବା ବ୍ୟକ୍ତିଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଓ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି।

# ସଂଗୀତା ଛୋଟରାୟଙ୍କୁ ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର

**ସାଲେପୁର, ନ୍ୟୁଜ୍**



କଟକ ସଦର ଗୁଆଳି ମୌଜାର ସୂର୍ଯ୍ୟ ଗୁରୁକୁଳର ନୃତ୍ୟଗୁରୁ ସଂଗୀତା ଛୋଟରାୟଙ୍କୁ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆୟୋଜିତ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହରେ 'ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର' ପ୍ରଦାନ କରାଯାଇଛି। ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିବା ବେଳେ କଟକ ସଦର ଅନ୍ତର୍ଗତ ଗୁଆଳି ମୌଜାରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସୌଭାଗ୍ୟ ନାରାୟଣ ଛୋଟରାୟଙ୍କ ନିର୍ଦ୍ଦେଶନାରେ ସୂର୍ଯ୍ୟ ଗୁରୁକୁଳର ଛାତ୍ରୀମାନେ ଚିତାକର୍ଷକ ଓଡ଼ିଶାର ନିଜସ୍ୱ ଓଡ଼ିଶୀ ନୃତ୍ୟ ପରିବେଷଣ କରି ମଣ୍ଡପରେ ଭରପୁର ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ। ସନ୍ଧ୍ୟାର ମୁଖ୍ୟଅତିଥି ହିସାବରେ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଦେବବ୍ରତ ସାହୁ, ମୋହିନୀ ଚକ୍ରବର୍ତ୍ତୀ, ବାବା ପ୍ରଫୁଲ୍ଲ ମହାରାଜଙ୍କ ସମେତ ସମାରୋହର କର୍ମକର୍ତ୍ତାମାନେ ସଂଗୀତାଙ୍କୁ ଉପାଧି ଫଳକ, ଉପଢୌକନ ଦେଇ ପୁରସ୍କୃତ କରିଥିଲେ।




# ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ

ପୌର ପରିଷଦ ଉମରକୋଟ ଚଳିତ ବର୍ଷ ୨୦୨୫ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ଉମରକୋଟ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି।

୧. ପୌର ପାଳିକାର ଦେୟ ଠିକ୍ ସମୟରେ ପୈଠ କରି ପରିଷଦକୁ ନିଜର କର୍ତ୍ତବ୍ୟ ପାଳନରେ ସାହାଯ୍ୟ କରନ୍ତୁ।
୨. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୩. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୪. ରାସ୍ତା ଉପରେ ଗୃହ ପାଳିତ ପଶୁଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ।
୫. ପ୍ଲାଷ୍ଟିକ୍ ଗ୍ଲାସ୍ ଏବଂ ପଲିଥିନ ବ୍ୟାଗର ବ୍ୟବହାର ବନ୍ଦ କରନ୍ତୁ।
୬. ପୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୟୁଜର ଫି, ବ୍ୟବସାୟିକ ପ୍ରତିଷ୍ଠାନ ଲାଇସେନ୍ସ ଫି' ଦେୟ ଠିକ୍ ସମୟରେ ପୈଠକର ପୌର ପରିଷଦର ନିଜସ୍ୱ ଆୟ ବୃଦ୍ଧିରେ ସହଯୋଗ କରନ୍ତୁ।

ଏ ସହର ଆପଣଙ୍କର। ଏ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ।

ଶ୍ରୀମତୀ ରାଧା ଭତ୍ରା, ଅଧ୍ୟକ୍ଷା, ପୌର ପରିଷଦ, ଉମରକୋଟ
ଶ୍ରୀ ସୁଧାଂଶୁ ଦାସ, ଉପାଧ୍ୟକ୍ଷ, ପୌର ପରିଷଦ, ଉମରକୋଟ
ଶ୍ରୀ ଆଲୋକ କୁମାର ଅନୁଗୁଳିଆ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଉମରକୋଟ

**OFFICE OF THE MUNICIPAL COUNCIL, MALKANGIRI**
Odisha, Pin-754045 Ph : 06861-230244, e-Mail : ecomalkangiri@gmail.com

## ନିବେଦନ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ସଂଗୃହିତ କରି ରଖିବେ ଏବଂ ତତ୍ ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ପୌର ପରିଷଦ ମାଲକାନଗିରିଙ୍କ ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୫. ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୬. ପଲିଥିନ୍ ବ୍ୟାଗ୍ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

**ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।**

# ପୌର ପରିଷଦ, ନୟାଗଡ଼

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧ୍ୟକ୍ଷ — ଅଧ୍ୟକ୍ଷା
ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ
ପୌର ପରିଷଦ, ନୟାଗଡ଼

**OFFICE OF THE NOTIFIED AREA COUNCIL, BALIMELA**
Odisha, Pin-764051, e-Mail : conacbalimela@gmail.com

## ନିବେଦନ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

**ନିବେଦନ :**
୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade license) ବିଜ୍ଞାପିତ ଅଞ୍ଚଳ ବାଲିମେଳା ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।
୬. ପଲିଥିନ୍ ବ୍ୟାଗ୍ ଠାରୁ ଦୂରେଇ ରହନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

# ବ୍ରହ୍ମପୁର ମହାନଗର ନିଗମ

## ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ:**
(୧) ଆପଣଙ୍କ ଘର / ଅନୁଷ୍ଠାନ ର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହ କରୀ ଯାନରେ ପକାନ୍ତୁ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**
(୧) ଗୋଟିଏ ଡ଼ଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, କମିଶନର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ
ଓ
ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ. ଉଦୟଗିରି

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢ଼ି ତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ।

୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
୨. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।
୩. ବିଭିନ୍ନ ଟିକସ ଯଥା ସମୟରେ ପୈଠକରି ରିହାତି ପାଇବାର ସୁଯୋଗ ନିଅନ୍ତୁ।
୪. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ।
୫. ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାନ୍ତୁ।
୬. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୭. ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ।
୮. ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରନ୍ତୁ।
୯. ଗୃହପାଳିତ ପଶୁମାନଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ।
୧୦. ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁକୁ ଭିନ୍ନ ଭିନ୍ନ ଡଷ୍ଟବିନ୍‌ରେ ପକାନ୍ତୁ।
୧୧. ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ଧାର୍ଯ୍ୟ ୟୁଜର ଫିଜ୍ ପ୍ରଦାନ କରନ୍ତୁ।

ଶ୍ରୀ ରଞ୍ଜନ କୁମାର ସାହୁ, ଓ.ପ୍ର.ସେ-ଏ (ଜେବି), ନିର୍ବାହୀ ଅଧିକାରୀ
ଶ୍ରୀ ସନ୍ତୋଷ କୁମାର ବାଘ, ଉପାଧ୍ୟକ୍ଷ
କୁମାରୀ ଦେବସ୍ମିତା ସତପଥୀ, ଅଧ୍ୟକ୍ଷା

# ପ୍ରଗତି ପଥେ ହିଞ୍ଜିଳିକାଟୁ ପୌରପରିଷଦ

ପବିତ୍ର ସ୍ୱାୟତ୍ତ ଶାସନ ଅବସରରେ ପୌରପରିଷଦ ଅଞ୍ଚଳର ସମସ୍ତ ନାଗରିକଙ୍କୁ ପୌରପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛୁ। ହିଞ୍ଜିଳିକାଟୁ ପୌରପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଣତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କ ସକ୍ରିୟ ସହଯୋଗ ନିମନ୍ତେ ନିବେଦନ କରାଯାଉଅଛି।

- ସମସ୍ତ ଦୋକାନୀ ବନ୍ଧୁମାନେ ସେମାନଙ୍କର ସମ୍ମୁଖସ୍ଥ ଫୁଟ୍‌ପାଥ୍ ଓ ନାଳକୁ ଅବରୋଧ କରି ବ୍ୟବସାୟ କରନ୍ତୁ ନାହିଁ।
- ଗୃହ ଟିକସ ନିୟମିତ ଭାବେ ପୌରପରିଷଦରେ ଜମା କରନ୍ତୁ।
- ବ୍ୟବସାୟୀମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ କରନ୍ତୁ।
- ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ଅଳିଆ ଆବର୍ଜନା ଏଣେ ତେଣେ ନପକାଇ ସବୁଜ ଓ ନୀଳ ରଙ୍ଗର ଡଷ୍ଟବିନ୍ ବ୍ୟବହାର କରନ୍ତୁ ଏବଂ ପୌରପରିଷଦର ଅଳିଆ ସଂଗ୍ରହ ଗାଡ଼ିରେ ପକାନ୍ତୁ।
- ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ଏକକ ବ୍ୟବହାର (Single Use) ପ୍ଲାଷ୍ଟିକ୍ ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
- ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦ ନିକଟରେ ଗୃହ ନକ୍ସା ମଞ୍ଜୁର କରାନ୍ତୁ।
- ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା ନକରି ପୌରପରିଷଦ ସ୍ଥିତ C&D Waste Processing unit ରେ ଜମା ଦିଅନ୍ତୁ କିମ୍ବା ଆବଶ୍ୟକୀୟ User Fees ଜମା କରି ଉକ୍ତ C&D Waste କୁ ସ୍ଥାନାନ୍ତରଣ କରିବା ନିମନ୍ତେ ପୌରପରିଷଦକୁ ଅବଗତ କରାନ୍ତୁ।
- ଗୃହ ପାଳିତ ପଶୁକୁ ରାସ୍ତାରେ ଛାଡ଼ନ୍ତୁ ନାହିଁ।
- ପ୍ରତି ତିନି ବର୍ଷରେ ଥରେ ସେପ୍ଟିକ୍ ଟ୍ୟାଙ୍କକୁ ସଫା କରିବା ବାଧ୍ୟତାମୂଳକ। Manual Scavenger ଦ୍ୱାରା ପାଇଖାନା ଟାଙ୍କି ସଫା କରିବା ଏକ ଦଣ୍ଡନୀୟ ଅପରାଧ। ଏଥିନିମନ୍ତେ ଦେୟମୁକ୍ତ ୧୪୪୨୦ରେ ଫୋନ୍ କରନ୍ତୁ ଓ ପୌରପରିଷଦର ସେସ୍ ପୁଲ୍ ଗାଡ଼ି ବ୍ୟବହାର କରନ୍ତୁ।
- ଘରୋଇ ପାଇଖାନା ମଇଳା ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କିମ୍ବା ସର୍ବସାଧାରଣ ଖୋଲା ଜାଗାରେ ନିଷ୍କାସନ କରନ୍ତୁ ନାହିଁ।
- ଖୋଲାରେ ପରିସ୍ରା କରିବା ଏକ ଦଣ୍ଡନୀୟ ଅପରାଧ ଏଥିନିମନ୍ତେ ପୌରପରିଷଦର ଦେୟମୁକ୍ତ ପରିସ୍ରାଗାର ବ୍ୟବହାର କରନ୍ତୁ।
- ପୁରୁଣା ପୋଷାକ ଦେବାକୁ ଚାହୁଁଥିଲେ ପୋଷାକ କେନ୍ଦ୍ରରେ ପ୍ରଦାନ କରନ୍ତୁ ଏବଂ ନେବାକୁ ଚାହୁଁଥିଲେ ବିନା ମୂଲ୍ୟରେ ପୋଷାକ କେନ୍ଦ୍ରରୁ ଗ୍ରହଣ କରନ୍ତୁ।
- ପୌରପରିଷଦର ସମସ୍ତ ସେବା ଓ ଅଭିଯୋଗ ନିମନ୍ତେ ସହାୟତା ନଂ-୮୪୮୦୫୨୮୯୫୩ ବ୍ୟବହାର କରନ୍ତୁ।

କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ହିଞ୍ଜିଳିକାଟୁ
ଉପାଧ୍ୟକ୍ଷା, ପୌରପରିଷଦ, ହିଞ୍ଜିଳିକାଟୁ
ଅଧ୍ୟକ୍ଷ, ପୌରପରିଷଦ, ହିଞ୍ଜିଳିକାଟୁ
ଏବଂ ପୌରପରିଷଦର ସଭ୍ୟା, ସଭ୍ୟ ବୃନ୍ଦ


## ଇନ୍ସପେକ୍ଟର ଓ ଏସଆଇଙ୍କ କ୍ଷମତା ବଢ଼ାଇଲେ ସରକାର

ଭୁବନେଶ୍ୱର, ୩୦।୮
ନ୍ୟୁଜ୍ ବ୍ୟୁରୋ

ଇନ୍ସପେକ୍ଟର ଓ ଏସଆଇଙ୍କ କ୍ଷମତା ବଢ଼ାଇଛନ୍ତି ରାଜ୍ୟ ସରକାର। ଏଣିକି ଇନ୍ସପେକ୍ଟର ଓ ଏସଆଇ ଏସସି ଏସଟି ମାମଲାର ତଦନ୍ତ କରିପାରିବେ। ତଦନ୍ତ ସହ ଗିରଫ ଓ ସ୍ୱତନ୍ତ୍ର ଅଦାଲତରେ ମାମଲା କରିପାରିବେ। ପୂର୍ବରୁ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହି କ୍ଷମତା ମିଳିଥିଲା। ଏନେଇ ଗୃହ ବିଭାଗ ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଚ୍‌ଆରପିସି ଏଡିଜି ଜତିନ୍ଦ୍ର କୋୟଲ ଏଥିପାଇଁ ପ୍ରସ୍ତାବ ଦେଇଥିଲେ।


ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ
ଭାରତ ସରକାର

# ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ

ଘୋଷଣା କରୁଛନ୍ତି

## ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି

ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ପଛୁଆ ଗୋଷ୍ଠୀର ଛାତ୍ରଛାତ୍ରୀଙ୍କୁ
ବିଦ୍ୟାଳୟ ଶିକ୍ଷା ଜାରୀ ରଖିବା ପାଇଁ

## ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା ଅଧୀନରେ ୨୦୨୫-୨୬ ବର୍ଷ ପାଇଁ ଛାତ୍ରବୃତ୍ତି

**ବିଭାଗ-୧: ଅନୁସୂଚିତ ଜାତି ଛାତ୍ରଙ୍କ ପାଇଁ ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି**

| ଯୋଗ୍ୟତା | ସୁଯୋଗ | ଛାତ୍ରବୃତ୍ତି |
|---|---|---|
| • ଅନୁସୂଚିତ ଜାତି ବର୍ଗର ଛାତ୍ର<br>• ପିତାମାତା / ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ୯ମ ଏବଂ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ।<br>• ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ହିତାଧିକାରୀ ଚୟନ କରାଯିବ।<br>• ଗରିବ ପରିବାରର ଆବେଦନକାରୀଙ୍କୁ ପ୍ରାଥମିକତା ଦିଆଯିବ। | • ପ୍ରତିବର୍ଷ ଡେ ସ୍କଲାରଙ୍କ ପାଇଁ ୩୫୦୦ ଏବଂ ଛାତ୍ରାବାସରେ ରହୁଥିବା ଛାତ୍ରଙ୍କ ପାଇଁ ୭୦୦୦/- ଟଙ୍କା ଶିକ୍ଷାଗତ ଭତ୍ତା ଦିଆଯିବ<br>• ଦିବ୍ୟାଙ୍ଗ ଛାତ୍ର (ବିଶେଷ ଭାବରେ ସକ୍ଷମ)ଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା। |

**ବିଭାଗ- ୨: ଅସ୍ୱାସ୍ଥ୍ୟକର ଏବଂ ବିପଦପୂର୍ଣ୍ଣ ବୃତ୍ତିରେ ନିୟୋଜିତ ପିତାମାତା/ଅଭିଭାବକଙ୍କ ପିଲାମାନଙ୍କ ପାଇଁ ପ୍ରି-ମାଟ୍ରିକ୍ ଛାତ୍ରବୃତ୍ତି**

| ଯୋଗ୍ୟତା | ସୁଯୋଗ | ଛାତ୍ରବୃତ୍ତି |
|---|---|---|
| • ଯେଉଁ ଛାତ୍ରମାନଙ୍କର ପିତାମାତା / ଅଭିଭାବକମାନେ ଅସ୍ୱଚ୍ଛ ଏବଂ ବିପଦପୂର୍ଣ୍ଣ ବୃତ୍ତିରେ ନିୟୋଜିତ ଅଛନ୍ତି।<br>• କୌଣସି ଆୟ ସୀମା ଯୋଗ୍ୟତା ନାହିଁ | • ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ର।<br>• ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ହିତାଧିକାରୀ ଚୟନ କରାଯିବ।<br>• ଗରିବ ପରିବାରର ଆବେଦନକାରୀଙ୍କୁ ପ୍ରାଥମିକତା ଦିଆଯିବ। | • ପ୍ରତିବର୍ଷ ଡେ ସ୍କଲାରଙ୍କ ପାଇଁ ୩୫୦୦ ଟଙ୍କା ଏବଂ ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କ ପାଇଁ ୮୦୦୦ ଟଙ୍କା ଶିକ୍ଷାଗତ ଭତ୍ତା ଦିଆଯିବ<br>• ଦିବ୍ୟାଙ୍ଗ ଛାତ୍ର (ବିଶେଷ ଭାବରେ ସକ୍ଷମ)ଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା। |

**ଛାତ୍ରଙ୍କର ଏକ ବୈଧ ମୋବାଇଲ୍ ନମ୍ବର, ଆଧାର ନମ୍ବର (UID), ଆଧାର ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ, ଆୟ ପ୍ରମାଣପତ୍ର, ପୂର୍ବ ବର୍ଷର ମାର୍କ ସିଟ୍ ଏବଂ ଜାତି ପ୍ରମାଣପତ୍ର ଥିବା ଆବଶ୍ୟକ**

ଯୋଜନା ନିର୍ଦ୍ଦେଶାବଳୀ ଏବଂ ବିସ୍ତୃତ ଯୋଗ୍ୟତା ମାନଦଣ୍ଡ ତଳେ ଦିଆଯାଇଥିବା ଲିଙ୍କରେ ଉପଲବ୍ଧ।

**https://socialjustice.gov.in/schemes/23**

ସ୍କିମ୍ ନିର୍ଦ୍ଦେଶାବଳୀ ପାଇଁ କୋଡ୍ ସ୍କାନ୍ କରନ୍ତୁ

cbc 38101/11/0015/2526


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱରରୁ ଆରମ୍ଭ ...

ଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ । ଏହି ସମ୍ମିଳନୀରୁ ମିଳିଥିବା ନିଷ୍କର୍ଷ କାର୍ଯ୍ୟକ୍ରମ ରୂପାୟନ ସହିତ ଅଭିଜ୍ଞତା, ସର୍ବୋତ୍କୃଷ୍ଟ ପ୍ରୟୋଗ ଓ ଭାବ ବିନିମୟ ପାଇଁ ମଞ୍ଚ ଯୋଗାଇଦେବ ।

ସଂସଦ ଭିତରେ ଓ ବାହାରେ ନାରାବାଜି ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଉଲ୍ଲେଖ କରି ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା କହିଥିଲେ ଯେ, ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧି ସେମାନଙ୍କର ଆଚରଣ ଓ ଉଚ୍ଚାରଣରେ ମାର୍ଜିତ ହେବା ସହିତ ଗୃହର ଗାରିମା ବଜାୟ ରଖିବା ଉଚିତ। ସମାଜର ବଞ୍ଚିତ ବର୍ଗଙ୍କ ପାଇଁ ନ୍ୟାୟ ପ୍ରଦାନ ଓ ସେମାନଙ୍କର ବିକାଶ ଦିଗରେ କାମ କରିବା ପାଇଁ ଆଭିମୁଖ୍ୟ ରହିବା ଦରକାର ବୋଲି ଶ୍ରୀ ବିର୍ଲା ଏକ ପ୍ରଶ୍ନର ଉତ୍ତର କହିଥିଲେ।

ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟି ର ଅଧ୍ୟକ୍ଷ ଡ଼ ଫଗନ ସିଂ କୁଲସ୍ତେ କହିଥିଲେ ଯେ, ବଞ୍ଚିତ ବର୍ଗ ମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ । ସେ, ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ ।

ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା।

ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ, ଯାହା ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଇଁ କଲ୍ୟାଣକାରୀ ପଦକ୍ଷେପକୁ ଆହୁରି ତ୍ୱରାନ୍ୱିତ କରିପାରିବ ।ଏହି ସାମ୍ବାଦିକ ସମ୍ମିଳନୀ ପ୍ରାରମ୍ଭରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ସ୍ୱାଗତ ସୂଚନା ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀଙ୍କ ସାର...

ଏ ସଫଳତା ଆଣି ଦେଇଥିଲା।

ଓଡ଼ିଶାରେ ୭.୯୪ ଲକ୍ଷ ଟନ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ଚାଷୀ କିନ୍ତୁ ସାର ପାଉନାହାନ୍ତି। ୟୁରିଆ ସରକାରୀ ଦର ଠାରୁ ଉଚ୍ଚ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ଏଜେନ୍ସି ମାର୍କଫେଡ୍ ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ରିହାତିରେ ସାର ବିକୁଛନ୍ତି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡି ସାର ପାଇଁ ରାଜ ରାସ୍ତାକୁ ଓହ୍ଲାଇବା ଚିନ୍ତାର ବିଷୟ ବୋଲି ନବୀନ କହିଛନ୍ତି।

ନବୀନ ଆହୁରି କହିଛନ୍ତି, ୨୦୧୮ରେ ଶିଳାନ୍ୟାସ କରାଯାଇଥିବା ତାଳଚେର ସାର କାରଖାନା ୩୬ ମାସରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲେ ବି ସାତ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ନ ପାରିବା ଦୁଃଖର ବିଷୟ।

ଖରିଫ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବାକୁ ଯଦି ସମୟୋଚିତ ପଦକ୍ଷେପ ନିଆ ନ ଯାଏ ତେବେ କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ସହ ଚାଷୀ ଭାଇ ଭଉଣୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ନବୀନ ତାଙ୍କ ଚିଠିରେ ସତର୍କ କରାଇଦେଇଛନ୍ତି।

## ଡିସେମ୍ବରରେ ହୋଇପାରେ...

ଇଆଇସିଙ୍କ ନେତୃତ୍ୱରେ ଗଠିତ ବୈଷୟିକ କମିଟିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସପ୍ତାହକୁ ଥରେ ବୈଠକ କରିବେ। ଏହି କମିଟି ଦ୍ୱାରା ମହାନଦୀ ଜଳ ବଣ୍ଟନରେ ଦୁଇ ରାଜ୍ୟରେ ଅଧିକ ସମନ୍ୱୟ ପାଇଁ ଏକ ସଂସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା ନେଇ ମଧ୍ୟ ଆଲୋଚନା କରାଯିବ। ଏହାପରେ ଅକ୍ଟୋବର ମାସରେ ଆଉ ଏକ ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଡିସେମ୍ବର ମାସରେ, ସୁବିଧାନୁସାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ, କାମଗୁଡିକର ତଦାରଖ କରି ମହାନଦୀ ଜଳ ବିବାଦକୁ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ ଭାବରେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବେ। ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ଏକ ସମାବେଶୀ ତଥା ପାରସ୍ପରିକ ହିତକାରୀ ସମାଧାନ ପାଇଁ ଖୋଲା ମନରେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ଚୀନରେ...

ବନ୍ଦେ ମାତରମ୍ ସଂଗୀତକୁ ବାଦ୍ୟଯନ୍ତ୍ର ଜରିଆରେ ବାଦନ କରି ମୋଦୀଙ୍କୁ ସ୍ୱାଗତ କରିଥିଲେ ଚୀନର ଅନ୍ୟ କଳାକାର। ଯାହା ଭାରତୀୟ ଶାସ୍ତ୍ରୀୟ ସଂଗୀତ, ନୃତ୍ୟ ଏବଂ ବାଦ୍ୟ ପାଇଁ ଏକ ସୁନ୍ଦର ମୁହୂର୍ତ୍ତ ଥିଲା । ତବଲା ବଜାଉଥିବା କଳାକାର କହିଛନ୍ତି- ପ୍ରଧାନମନ୍ତ୍ରୀ ମୋଦୀ ଆମ ଶାସ୍ତ୍ରୀୟ ସଂଗୀତ ପରିବେଷଣକୁ ପସନ୍ଦ କଲେ । ସେ ଜଣେ ସୁନ୍ଦର ମଣିଷ । ସେପଟେ ମୋଦୀ ମୋଦୀ ନାରାରେ ହୋଟେଲ କମ୍ପିଥିବା ବେଳେ ଭାରତୀୟଙ୍କୁ ଭେଟିଥିଲେ ମୋଦୀ । କୁନି କୁନି ପିଲାଙ୍କ ସହ ମୁହୂର୍ତ୍ତ କାଟିଥିବାର ଫଟୋ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ...

ବାସଭବନକୁ ଆସି ତାଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା ବୈଠକର ଗୁରୁତ୍ୱକୁ ବଢାଇ ଦେଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଉଛି।

ଭୁବନେଶ୍ୱର
୩୧ ଅଗଷ୍ଟ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# 'ସମତା'ର ପ୍ରଥମ ବାର୍ଷିକୀ : ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ଆସ୍ଥା ରହିବା ନିହାତି ଜରୁରୀ : ଜଷ୍ଟିସ୍ ମୂରଲୀଧର୍

**ଭୁବନେଶ୍ୱର, ୩୦।୦୮**
**ନ୍ୟୁଜ୍‌ବ୍ୟୁରୋ**

ଆମ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସମ୍ବିଧାନ, ମୌଳିକ ଅଧିକାର ସର୍ବୋପରି ମୁକ୍ତ ଅଭିବ୍ୟକ୍ତି ବା ଫିଡମ୍ ଅଫ୍ ସ୍ପିଚ୍‌ର ପ୍ରାବଧାନ ରହିଛି। ସେ ଦୃଷ୍ଟିରୁ ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ପ୍ରତ୍ୟେକଙ୍କର ଆସ୍ଥା ଓ ବିଶ୍ୱାସ ରହିବା ନିହାତି ଜରୁରୀ। ଏଥିପାଇଁ ସାମ୍ବାଦିକ, ବୁଦ୍ଧିଜୀବୀ, ସଚେତନ ନାଗରିକ, ଲେଖକ ଓ ସାହିତ୍ୟିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ମତବ୍ୟକ୍ତ କରିଛନ୍ତି।

ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ 'ପ୍ରେସ୍ କ୍ଲବ୍ ଅଫ ଓଡ଼ିଶା' ପ୍ରେକ୍ଷାଳୟରେ ଓଡ଼ିଶାର ଲୋକପ୍ରିୟ ୟୁ-ଟ୍ୟୁବ୍ ଚାନେଲ 'ସମତା ୟୁଟ୍ୟୁବ୍'ର ପ୍ରଥମ ବାର୍ଷିକ ଦ୍ୱି-ଦିବସୀୟ 'ସମତା କନକ୍ଲେଭ' ଉଦଘାଟିତ ହୋଇଯାଇଛି।



ଏଥିରେ ଉଦଘାଟକ ଭାବେ ଯୋଗ ଦେଇ ଜଷ୍ଟିସ୍ ମୂରଲୀଧର ସାମ୍ବାଦିକତା, ନ୍ୟାୟପାଳିକା, ପ୍ରେସ୍ ସ୍ୱାଧୀନତା ଓ ବାକ୍ ସ୍ୱାଧୀନତା ସମ୍ବନ୍ଧରେ ନିଜର ବିଚାର ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସେ କହିଥିଲେ ବିଳମ୍ବିତ ଓ ବିଡ଼ମ୍ବିତ ନ୍ୟାୟ ପାଇଁ ନ୍ୟାୟପାଳିକାକୁ ବ୍ୟଙ୍ଗ କରାଯାଇପାରେ, କିନ୍ତୁ ବିଧିବ୍ୟବସ୍ଥା ନାଁରେ ଅପବାଦ ପ୍ରଚାର କରାଯିବା ଉଚିତ ନୁହେଁ । ଅଲ-ଜଜୀରା ନ୍ୟୁଜ ଚାନେଲର ସାମ୍ବାଦିକଙ୍କ ଅମାନୁଷିକ ହତ୍ୟା ଠାରୁ ନାଗରିକ ଅଧିକାର ସମ୍ବନ୍ଧିତ ଆମ ସମ୍ବିଧାନର ଧାରା-୧୯ର ବ୍ୟବହାର ଓ ଅପବ୍ୟବହାର ପ୍ରସଙ୍ଗରେ ଚମତ୍କାର ଉଦାହରଣ, ଅଭିଜ୍ଞତା ଓ ବ୍ୟଙ୍ଗ ଚିତ୍ର ମାଧ୍ୟମରେ ନିଜ ନିର୍ଭୀକ ବକ୍ତବ୍ୟ ପ୍ରଦାନ କରିଥିଲେ।

'ସମତା'ର ପ୍ରତିଷ୍ଠାତା ଓ ସଂପାଦକ କେଦାର ମିଶ୍ରଙ୍କ ସହ ଆଳାପ ସହିତ ଜଷ୍ଟିସ୍ ମୂରଲିଧର ଦର୍ଶକମାନଙ୍କ ପ୍ରଶ୍ନର ମଧ୍ୟ ଉତ୍ତର ରଖିଥିଲେ ।

କନକ୍ଲେଭର ଦ୍ୱିତୀୟ ସମ୍ମାନରେ ପ୍ରିୟରଞ୍ଜନ ସାହୁଙ୍କ ସଞ୍ଚାଳିତ 'ବିକଶିତ ଓଡ଼ିଶା : ସ୍ୱପ୍ନ ଓ ବାସ୍ତବତା' ଶୀର୍ଷକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ପୂର୍ବତନ ମନ୍ତ୍ରୀ ସର୍ବଶ୍ରୀ ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ଦେବୀ ପ୍ରସାଦ ମିଶ୍ର ଓ କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା । ତୃତୀୟ ସମ୍ମାନରେ ପ୍ରଖ୍ୟାତ ସାମ୍ବାଦିକ ରସିଦ୍ କିଦ୍ୱାଇ ଓ ରାଜେଶ ମହାପାତ୍ରଙ୍କ ସହ ରାଜ୍ୟ ଓ ଦେଶର ସାଂପ୍ରତିକ ସରକାର ଓ ରାଜନୀତି ପ୍ରସଙ୍ଗରେ ଆଲୋଚନା କରିଥିଲେ କେଦାର ମିଶ୍ର ।

ଚତୁର୍ଥ ଅଧିବେଶନର ସ୍ୱତନ୍ତ୍ର ଅତିଥି ଥିଲେ ପୂର୍ବତନ ସାଂସଦ ତଥା 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ । ରାଜନେତାମାନଙ୍କର ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ଅପରିପକ୍ୱ ଓ ଅରୁଚିକର ବ୍ୟାଖ୍ୟାନ ଦେଶର ଗଣତନ୍ତ୍ର, ଅର୍ଥନୀତି ଓ ବୈଦେଶିକ ନୀତିର ଅପୂରଣୀୟ କ୍ଷତି କରୁଛନ୍ତି ବୋଲି ଚିନ୍ତା ପ୍ରକଟ କରିଥିଲେ ଶ୍ରୀ ସତପଥୀ।

ଯୁବ ସାହିତ୍ୟିକ ସୁମନ ଦାଶଙ୍କ ସଞ୍ଚାଳିତ ପରବର୍ତ୍ତୀ ସମ୍ମାନରେ ବରିଷ୍ଠ ଲେଖକ ଜ୍ୟୋତି ନନ୍ଦ ଓ ଚିତ୍ରଶିଳ୍ପୀ ଓ ସାହିତ୍ୟିକ ରମାକାନ୍ତ ସାମନ୍ତରାୟ ବହି ପ୍ରକାଶନ ଓ ପାଠକୀୟତା ପରିପ୍ରେକ୍ଷୀରେ ସଂପ୍ରତି ସାହିତ୍ୟର ସ୍ଥିତି ଓ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ।

ଶେଷରେ କବି ପବିତ୍ର ମୋହନ କରଙ୍କ ସଂଯୋଜନାରେ ଆୟୋଜିତ 'ମୁକ୍ତିର କବିତା' ଥିମ ସମ୍ବଳିତ କାର୍ଯ୍ୟକ୍ରମରେ ଆଶୁତୋଷ ପରିଡ଼ା, ଅମରେଶ ପଟ୍ଟନାୟକ, ଅପର୍ଣ୍ଣା ମହାନ୍ତି, ମମତା ଦାଶ, ବାସୁଦେବ ସୁନାନୀ, ରବି କେ ସ୍ୱାଇଁ, ମନୁଆ ଦାସ, ବିରଜା ବଳ ଓ ସ୍ୱପ୍ନା ମିଶ୍ର ନିମନ୍ତ୍ରିତ କବି ଭାବେ ଯୋଗ ଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶେଷରେ ପ୍ରତିଷ୍ଠାତା କେଦାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ କ୍ରେମରଙ୍କ କୃଷି ଭବନ ପରିଦର୍ଶନ

**ଭୁବନେଶ୍ୱର, ୩୦।୦୮**
**ନ୍ୟୁଜ୍‌ବ୍ୟୁରୋ**

ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା।

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ, ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନର ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀ କ୍ରେମର କହିଛନ୍ତି ଯେ, କୃଷି ସମୃଦ୍ଧି ହେଲ୍ପଲାଇନ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଏବଂ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମଧ୍ୟ ମତ ଦେଇଥିଲେ ଏବଂ ଅସ୍ୱାଭାବିକ ପାଗ ଯୋଗୁଁ ଫସଲକୁ କ୍ଷତି ହେବାରୁ ରକ୍ଷା କରିବା ପାଇଁ ଏଆଇ କିପରି ସର୍ବୋତ୍ତମ ଭାବରେ, ସତର୍କତାମୂଳକ ଏବଂ ପ୍ରତିରୋଧକ ପଦକ୍ଷେପ ନେଇପାରିବ ସେ ବିଷୟରେ ଅବଗତ କରାଇଥିଲେ। ବିଭାଗ ଦ୍ୱାରା ପ୍ରଚଳିତ କୃଷି ସମୃଦ୍ଧି ହେଲ୍ପଲାଇନ ମଡେଲ ସହିତ ଏକ ବହୁବିଧ ପାଗ ପୂର୍ବାନୁମାନ ମଡେଲକୁ ସମନ୍ୱିତ କରିବା ସମୟର ଆବଶ୍ୟକତା ବୋଲି ସେ ଆଲୋକପାତ କରିଥିଲେ।

ପ୍ରମୁଖ ଶାସନ ସଚିବ ବିଭାଗର ବିଭିନ୍ନ ଜଳବାୟୁ ଅନୁକୂଳ କୃଷି ଯୋଜନା ଯେପରିକି ବ୍ୟାପକ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଏବଂ ମୃତିକା-ଜୈବ ଅଙ୍ଗାରକୁ ବୃଦ୍ଧି କରିବାରେ ଏହାର ଲାଭ, ଫସଲ ବୀମା, କଷ୍ଟମାଇଜଡ୍ କୃଷି-ପରାମର୍ଶ, ଡିଜିଟାଲ ଫସଲ ସର୍ଭେ, କୃଷକ ରେଜିଷ୍ଟ୍ରି, କୃଷକ ଓଡ଼ିଶା ଡାଟା ବେସ୍, ତାପ ସହନଶୀଳ ଫସଲ କିସମର ବ୍ୟବହାର, ଡିଜିଟାଲ ପଦ୍ଧତି ମାଧ୍ୟମରେ କୀଟପତଙ୍ଗ ନିରୀକ୍ଷଣ ତଥା ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର କୃଷକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସରକାରଙ୍କ ସାମଗ୍ରିକ ଢାଞ୍ଚା ଉପରେ ଆଲୋକପାତ କରିଥିଲେ। ଡ. ପାଢୀ, ଓୟୁଏଟି ସହଯୋଗରେ ବିଭାଗ ଦ୍ୱାରା ପ୍ରସ୍ତୁତ ଆପାତକାଳୀନ ଯୋଜନା ବିଷୟରେ ସୂଚନା ଦେଇଥିଲେ, ଯାହା ରାଜ୍ୟରେ ପାଗ ପରିବର୍ତ୍ତନର କୁପରିଣାମକୁ ହ୍ରାସ କରିବା ପାଇଁ ଏକ ନିର୍ଭର ଯୋଗ୍ୟ ମାଧ୍ୟମ। ପ୍ରଫେସର କ୍ରେମର ବିଭାଗର ପଦକ୍ଷେପଗୁଡ଼ିକର ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଜ୍ଞାନ ଓ ବିଶେଷଜ୍ଞତାର ଉତ୍ପନ୍ନ-ଲାଭ ବାଣ୍ଟିବା ପାଇଁ ବିଭାଗ ସହିତ ଏକ ସହଭାଗିତା କାମନା କରିଥିଲେ।

ଏହି ବୈଠକରେ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ସୁବ୍ରତ ପଣ୍ଡା, ଅତିରିକ୍ତ ଶାସନ ସଚିବ ବରିଷ୍ଠ ବିଭାଗୀୟ ଅଧିକାରୀ ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆରମ୍ଭ ହେଲା ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର, ୩୦।୦୮**
**ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଶନିବାରଠାରୁ ଆରମ୍ଭ ହୋଇଯାଇଛି ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଏହି ରାଜ୍ୟ ସ୍ତରୀୟ ନୃତ୍ୟ ମହୋତ୍ସବ ଆସନ୍ତା ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ଇଲିଆନା ସିତାରିଷ୍ଟ, ଗୁରୁ ରାମହରି ଦାସ, ଡ. ଚିତ୍ତରଞ୍ଜନ ମଲିଆ, ଗୁରୁ ଗୋବିନ୍ଦ ଗୋପାଳ, ସଙ୍ଗୀତଜ୍ଞ ଡ. ସଂଗୀତା ଗୋସାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। 'ଗୋଟିପୁଅ ଆମ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ, ଏହା ଆମ ସମୃଦ୍ଧ ନୃତ୍ୟ ପରମ୍ପରା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ରାଜ୍ୟ ସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ଆୟୋଜନ ମାଧ୍ୟମରେ ନୃତ୍ୟ ପ୍ରତିଭାର ବିକାଶ ହେବା ସହିତ ଆମ ପାରମ୍ପରିକ ନୃତ୍ୟର ପ୍ରଚାର ଓ ପ୍ରସାର ହୋଇପାରୁଛି' ବୋଲି କହିଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ।

ଶନିବାରର କାର୍ଯ୍ୟକ୍ରମରେ 'ଗୋଟିପୁଅର ଗାୟନ, ବାଦନ ଓ ପରିବେଷଣ'କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶନିବାର ପ୍ରଥମ ଦିନରେ ଚନ୍ଦ୍ରଶେଖର ଗୋଟିପୁଅ କଳା ସଂସଦ, କୈଳାସ ଗୋଟିପୁଅ ନୃତ୍ୟ ପ୍ରତିଷ୍ଠାନ, ମା' ଅଷ୍ଟଭୁଜା ଗୋଟିପୁଅ କଳା ପରିଷଦ, ମୂର୍ଚ୍ଛନା ଗୋଟିପୁଅ, ବାବା ଗୋରେଖନାଥ ଗୋଟିପୁଅ ଡ୍ୟାନ୍ସ ଆସୋସିଏସନ, ମା' ସନ୍ତୋଷୀ ଗୋଟିପୁଅ, ବାଙ୍କେଶ୍ୱରୀ ଗୋଟିପୁଅ ନୃତ୍ୟ ପରିଷଦ ଆଦିର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।

## ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଭାପତିଙ୍କ ସହ ଆଲୋଚନା କଲେ ନବୀନ

**ଭୁବନେଶ୍ୱର, ୩୦।୦୮**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର କୋଣଅନୁକୋଣ ବୁଲି ଲୋକଙ୍କ ପ୍ରକୃତ ସମସ୍ୟାର ସମାଧାନ ପାଇଁ ଏକ ହୋଇ କାମ କରିବାକୁ ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଭାପତି ଓ ଦାୟିତ୍ୱରେ ଥିବା ନେତାଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହି ଦଳର ନୀତିଆଦର୍ଶର ପ୍ରସାର ସହ ଓଡ଼ିଶାର ଛାତ୍ର ଓ ଯୁବ ସମାଜର ସ୍ୱର ସାଜିବାକୁ ଆହ୍ୱାନ କରିଛନ୍ତି ।

# ଓଡ଼ିଶା ପିଏଣ୍ଡଟି ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର୍ସ ଆସୋସିଏସନର ରୌପ୍ୟ ଜୟନ୍ତୀ




**ଭୁବନେଶ୍ୱର, ୩୦।୦୮ :ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପିଏଣ୍ଡଟି ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର୍ସ ଆସୋସିଏସନର ରୌପ୍ୟ ଜୟନ୍ତୀ ବଡ଼ ସମାରୋହରେ ହୋଟେଲ ସୂର୍ଯ୍ୟାଂଶରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଗଜେନ୍ଦ୍ର କୁମାର ଯାଦବ ମୁଖ୍ୟ ଯନ୍ତ୍ରୀ ଇଲେକ୍ଟ୍ରିକାଲ ବିଏସଏନଏଲ ଓଡ଼ିଶା ଜୋନ୍‌ଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା ଓ ଅନୁଷ୍ଠାନର ଏକ ସ୍ମରଣିକା ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ସୁଧାଂଶୁ ଶେଖର ପଣ୍ଡା ନିରୀକ୍ଷଣ ଯନ୍ତ୍ରୀଙ୍କ ସହ ବହୁ ବରିଷ୍ଠ ପଦାଧିକାରୀ ଓ ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିଲେ।

ସଭାପତି ସଂଜୀତ କୁମାର ସାହୁ, ସମ୍ପାଦକ ଫକୀର କୁମାର ଉଦ୍‌ଗାତା, ଉପ ସଭାପତି ଅନିଲ ଚନ୍ଦ୍ର ଲାହା, ସହ ସମ୍ପାଦକ ସୁଜୟ କୁମାର ମୋଦକ, ବିତ୍ତ ସମ୍ପାଦକ ସୁଧାଂଶୁ ଶେଖର ସ୍ୱାଇଁ, ପରିଚାଳନା ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଓ ପରାମର୍ଶଦାତା ପ୍ରଣବ ବାନାର୍ଜୀଙ୍କ ଦ୍ୱାରା ସୁଚାରୁରୂପେ ସମ୍ପାଦନ ହୋଇଥିଲା।

ଗଜେନ୍ଦ୍ର କୁମାର ଯାଦବ ମୁଖ୍ୟ ଅତିଥି ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଭୂୟଶୀ ପ୍ରଶଂସା କରିଥିଲେ। ସୁଧାଂଶୁ ଶେଖର ପଣ୍ଡା ସମ୍ମାନିତ ଅତିଥି ଠିକାଦାର ଓ ଅଫିସିଆଲ ଦୁହିଁଙ୍କ ସମ୍ପର୍କ ସ୍ୱାମୀ ଓ ସ୍ତ୍ରୀ ପରି ବୋଲି ଜଣାଇଥିଲେ। ସମ୍ପାଦକ ଫକୀର କୁମାର ଉଦ୍‌ଗାତା ଅନୁଷ୍ଠାନର ସଦସ୍ୟ ଓ ଅଫିସିଆଲମାନଙ୍କ ଭିତରେ ସୁସମ୍ପର୍କ ଆଗକୁ ରହିବାପାଇଁ ପ୍ରତିଶୃତି ଦେଇଥିଲେ। ପରାମର୍ଶଦାତା ଦେବବ୍ରତ ଭଟ୍ଟ ଅନୁଷ୍ଠାନର ୨୫ ବର୍ଷର ଅତିକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ପରଲୋକଗତ ସଦସ୍ୟଙ୍କ ପରିବାର, ପୁରୁଣା ସଦସ୍ୟ, ପୁରୁଣା ପଦାଧିକାରୀ, ଏବେ କାମ କରୁଥିବା ପଦାଧିକାରୀ ଓ ସମସ୍ତ କାର୍ଯ୍ୟରତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପରାମର୍ଶଦାତା କିସଲେ କୁମାର ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାପାନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ କଶ୍ମୀରର ପ୍ରସିଦ୍ଧ ପଶ୍ମିନା ଶାଲ୍ ଉପହାର ଦେଲେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ, ୩୦।୦୮**

ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାପାନର ପ୍ରଧାନମନ୍ତ୍ରୀ ଇଶିବା ସିଗେରୁଙ୍କ ପତ୍ନୀଙ୍କୁ ପ୍ରସିଦ୍ଧ ପଶ୍ମିନା ଶାଲ୍ ଉପହାର ଦେଇଛନ୍ତି। ଲଦାଖର ଚାଙ୍ଗଥାଙ୍ଗି ଛେଳିର ସୂକ୍ଷ୍ମ ପଶମରୁ ତିଆରି ଏହି ପଶ୍ମିନା ଶାଲ୍ ହାଲୁକା, ନରମ ଏବଂ ଉଷ୍ମ ହୋଇଥିବାରୁ ସାରା ବିଶ୍ୱରେ ବେଶ୍ ଲୋକପ୍ରିୟ। କାଶ୍ମୀରୀ କାରିଗରମାନଙ୍କ ଦ୍ୱାରା ହାତରେ ବୁଣାଯାଇଥିବା ଏହି ଶାଲ୍‌ଟି ଏକ ଶତାବ୍ଦୀ ପୁରୁଣା ପରମ୍ପରା ବହନ କରେ, ଯାହାକୁ ଏକଦା ରାଜାରାଜୁଡ଼ାମାନେ ଅନୁସରଣ କରୁଥିଲେ। ଶାଲ୍‌ଟିରେ ଆଇଭୋରୀ ରଙ୍ଗର ଭିତ୍ତି ଅଛି ଯେଉଁଥିରେ ଧୂସର, ଗୋଲାପୀ ଏବଂ ଲାଲ୍ ରଙ୍ଗରେ ସୂକ୍ଷ୍ମ ଫୁଲ ଏବଂ ପେସଲି ପ୍ୟାଟର୍ଣ୍ଣ ରହିଛି, ଯାହା କାଶ୍ମୀରୀ ଡିଜାଇନ୍ ଏବଂ କାରୁକାର୍ଯ୍ୟର ସମୃଦ୍ଧ ପରମ୍ପରାକୁ ଦର୍ଶାଏ।

ଏହା ଏକ ହାତ-ଚିତ୍ରିତ ପେପିଅର-ମାଚେ ବାକ୍ସରେ ରଖାଯାଇଛି ଯାହା ଫୁଲ ଏବଂ ପକ୍ଷୀ ଡିଜାଇନ ସହିତ ସଜାଯାଇଥାଏ, ଯାହା କି ଏହାର ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ମୂଲ୍ୟକୁ ବହୁଗୁଣିତ କରିଥାଏ। ବାକ୍ସ ସହ ଏହି ଶାଲ୍‌ଟି କାଶ୍ମୀରର କଳାକୃତି, ଐତିହ୍ୟ ଏବଂ କାଳଜୟୀ ସୁନ୍ଦରତାକୁ ଦର୍ଶାଏ।




## ୨୩୨ କୋଟି ଟଙ୍କା ଠକେଇ ଅଭିଯୋଗରେ ଏଏଆଇର ବରିଷ୍ଠ ପରିଚାଳକ ରାହୁଲ ବିଜୟ ଗିରଫ

**ନୂଆଦିଲ୍ଲୀ, ୩୦।୦୮**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ)ର ବରିଷ୍ଠ ପରିଚାଳକ ରାହୁଲ ବିଜୟଙ୍କୁ ପ୍ରାୟ ୨୩୨ କୋଟି ଟଙ୍କା ଠକେଇ ଅଭିଯୋଗରେ ଗିରଫ କରିଛି। ସିବିଆଇ, ଏଏଆଇ ଠାରୁ ଏକ ଅଭିଯୋଗ ପାଇଥିଲା, ଯାହା ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିଲା।

ସିବିଆଇ ଅନୁଯାୟୀ, ରାହୁଲ ବିଜୟ ଡେରାଡୁନ ବିମାନବନ୍ଦରରେ ପୋଷ୍ଟିଂ ସମୟରେ ସରକାରୀ ରେକର୍ଡ ସହିତ ହେରଫେର କରି ଏବଂ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ୨୩୨ କୋଟି ଟଙ୍କା ଜମା କରି ଏଏଆଇର ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ସିବିଆଇ ତଦନ୍ତରୁ ଜଣାପଡିଛି ଯେ ରାହୁଲ ବିଜୟ ୨୦୧୯ରୁ ୨୦୨୩ ମଧ୍ୟରେ ନକଲି ସମ୍ପତ୍ତି ସୃଷ୍ଟି କରିଥିଲେ ଏବଂ କିଛି ସମ୍ପତ୍ତିର ମୂଲ୍ୟ ହେରଫେର କରିଥିଲେ। ସେ ସରକାରୀ ରେକର୍ଡ ପରିବର୍ତ୍ତନ କରି ଏବଂ ଡୁପ୍ଲିକେଟ ଏଣ୍ଟ୍ରି ଯୋଡ଼ି ତାଙ୍କର ଠକେଇକୁ ଲୁଚାଇ ରଖିଥିଲେ। ସେ ସାଧାରଣ ଟଙ୍କାକୁ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ, ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ ଅଭିଯୁକ୍ତ ଜମା ହୋଇଥିବା ପରିମାଣକୁ ବ୍ୟବସାୟିକ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ, ଯାହା ପ୍ରମାଣିତ କରିଥିଲା ଯେ ସେ ସରକାରୀ ଟଙ୍କାକୁ ଅପବ୍ୟବହାର କରିଛନ୍ତି। ଅଗଷ୍ଟ ୨୮ ତାରିଖରେ ଜୟପୁରରେ ରାହୁଲ ବିଜୟଙ୍କ ସରକାରୀ ଏବଂ ବ୍ୟକ୍ତିଗତ ଘର ଖୋଜାଖୋଜି କରିଥିଲା ସିବିଆଇ। ଖୋଜାଖୋଜି ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ସମ୍ପତ୍ତି ସମ୍ବନ୍ଧୀୟ ସୂଚନା ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପାଟଣାଗଡ଼

ତା.୩୧.୦୮.୨୦୨୫ ରିଖ ଦିନ ୬୩ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟରେ ଆପଣମାନଙ୍କ ସହଯୋଗ କାମନା କରୁଅଛୁ।

୧. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସାହାଯ୍ୟ କରନ୍ତୁ।
୨. ଠିକ୍ ସମୟରେ ଟିକସ ପଇଠ କରନ୍ତୁ
୩. ପରିଷଦରୁ ଆବଶ୍ୟକ ମଞ୍ଜୁରୀ ନେଇ ଗୃହ ନିର୍ମାଣ କରନ୍ତୁ।
୪. ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୫. ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬. ନିର୍ଦ୍ଧାରିତ ସମୟରେ ଟ୍ରେଡ୍ ଲାଇସେନ୍ସ ନବୀକରଣ କରନ୍ତୁ।
୭. ପରିଷଦରୁ ଆବଶ୍ୟକ ଅନୁମତି ନେଇ ପାଣି ପାଇପ୍ ସଂଯୋଗ କରନ୍ତୁ।
୮. ସମସ୍ତ ଦୋକାନର ନାମ ଫଳକ ଓଡ଼ିଆ ଭାଷାରେ କରନ୍ତୁ।
୯. ଶୌଚାଳୟ ବ୍ୟବହାର କରନ୍ତୁ ଏବଂ ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ।
୧୦.ପରିଷଦର ସମ୍ପତ୍ତି ଆପଣଙ୍କର ସମ୍ପତ୍ତି ଏହାର ସୁରକ୍ଷା କରନ୍ତୁ।

**ଅଧ୍ୟକ୍ଷା** — ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼
**କାର୍ଯ୍ୟ ନିର୍ବାହୀ ଅଧିକାରୀ** — ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼

# ସେପ୍ଟେମ୍ବର ୧୭ରେ ବ୍ୟାଙ୍କଗୁଡିକ ୨ ଲକ୍ଷ ଚାରା ଲଗାଇବେ

# ଚାରା ରୋପଣ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଜିଲ୍ଲା, ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ

**ଭୁବନେଶ୍ୱର, ୩୦।୦୮**
**ନ୍ୟୁଜ୍‌ବ୍ୟୁରୋ**

ସେପ୍ଟେମ୍ବର ୧୭ରେ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ ଚାରା ଲଗାଇବେ ଓ ଚାରା ରୋପଣ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଜିଲ୍ଲା, ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି ।



ଶନିବାର ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନକୁ ସମ୍ମାନ ଜଣାଇବା ପାଇଁ 'ଏକ ପେଡ୍ ମା କେ ନାମ' ଅଭିଯାନର ଦ୍ୱିତୀୟ ସଂସ୍କରଣର ଅଂଶ ସ୍ୱରୂପ, ଓଡ଼ିଶା ସେପ୍ଟେମ୍ବର ୧୭ରେ ୭୫ ଲକ୍ଷ ଚାରା ରୋପଣ କରିବାକୁ ପ୍ରସ୍ତୁତ ହେଉଛି। ଏହି ବିଶାଳ ରୋପଣ ଅଭିଯାନ ପରିବେଶ ସଚେତନତା ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଯାନ ଅଧୀନରେ ସେପ୍ଟେମ୍ବର ଶେଷ ସୁଦ୍ଧା ୭.୫ କୋଟି ଗଛ ଲଗାଇବା ପାଇଁ ଓଡ଼ିଶାର ଲକ୍ଷ୍ୟର ଏକ ଅଂଶ। ଏହି ଅଭିଯାନରେ ବହୁ ସରକାରୀ ବିଭାଗ, ପିଏସୟୁ, ଏନଜିଓ, ଯୁବ ସଂଗଠନ ଏବଂ ସ୍ଥାନୀୟ ଅନୁଷ୍ଠାନ ସାମିଲ ହେବେ, ଯେଉଁଠାରେ ରୋପଣ କରାଯାଇଥିବା ଚାରାର ବଞ୍ଚିବା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯିବ।

ଏହି ଅଭିଯାନରେ ଜଙ୍ଗଲ, ଗ୍ରାମାଞ୍ଚଳ, ଶିଳ୍ପ କ୍ଷେତ୍ର ଏବଂ ସମ୍ପ୍ରଦାୟର ଚାରିପାଖରେ ନିମ୍, କରଞ୍ଜ, ତେନ୍ତୁଳି, ଅର୍ଜୁନ, ପିପଲ ଏବଂ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ପ୍ରଜାତି ଗଛ ରୋପଣ ଅନ୍ତର୍ଭୁକ୍ତ। ରୋପଣ କାର୍ଯ୍ୟକଳାପ ଏକ ସାମୂହିକ ପ୍ରୟାସ ହେବ, ଯାହା ସ୍ଥାନୀୟ ସରକାରୀ ସଂସ୍ଥା, ସ୍କୁଲ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱେଚ୍ଛାସେବକମାନଙ୍କୁ ସଂଗଠିତ କରିବ। ସରକାର ତଦାରଖ ଏବଂ ଦାୟିତ୍ୱବୋଧ ପାଇଁ ମେରିଲାଇଫ୍ ପୋର୍ଟାଲରେ ରୋପଣ ତଥ୍ୟ ଏବଂ ଜିଓ-ଟ୍ୟାଗ୍ ହୋଇଥିବା ଫଟୋ ଅପଲୋଡ୍ କରିବାକୁ ମଧ୍ୟ ଯୋଜନା କରିଛନ୍ତି।

ଏହି ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରିଶ ଏସ. ଏନ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ସ୍ୱାଇଁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ପରିବେଶ ନିର୍ଦ୍ଦେଶକ କେ.ଏସ୍. ପ୍ରଦୀପ ଓ ସମସ୍ତ ଜିଲ୍ଲାପାଳମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ସୁଚିନ୍ତିତ ପରାମର୍ଶ ଦେଇଥିଲେ।

## ପବିତ୍ର ନିଖିଳ ଭାରତ 'ସ୍ୱାୟତ ଶାସନ ଦିବସ-୨୦୨୫' ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା

**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

**ପୌରବାସୀଙ୍କୁ ନିବେଦନ :**

୧. 'ମୋ ଅଳିଆ ମୋ ଦାୟିତ୍ୱ' ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ୍ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌର ପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ।
୨. ହୋଟେଲ ଓ ବହୁତଳ ପ୍ରାସାଦଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କମ୍ପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା- ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ୍ କରନ୍ତୁ ନାହିଁ।
୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ମାନେ ସେମାନଙ୍କ ଟ୍ରେଡ୍ ଲାଇସେନସ୍ ଯଥା ସମୟରେ ପୌର କାର୍ଯ୍ୟାଳୟକୁ କରାଇ ନିଅନ୍ତୁ।
୭. ବାହ୍ୟଶୌଚରୁ ନିବୃତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ କୌର ପରିଷଦ ତରଫରୁ ଭଡ଼ାସୂତ୍ରରେ ସେସପୁଲ ବ୍ୟବହାର କରନ୍ତୁ।
୧୦. ଘରୋଇ ପାଇଖାନାଗୁଡ଼ିକର ଆବର୍ଜନା ପାଣି ଡ୍ରେନ୍‌କୁ ଛାଡ଼ନ୍ତୁ ନାହିଁ।

**ପ୍ରଦୀପ କୁମାର ପାଢ଼ୀ**
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

**ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ**
ବ୍ୟାସନଗର ପୌର ପରିଷଦ

**ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ**
ଅଧ୍ୟକ୍ଷ
ବ୍ୟାସନଗର ପୌର ପରିଷଦ